◆ Bhubaneswar, July 16-31, 2026
◆ ଭୁବନେଶ୍ୱର, ଜୁଲାଇ ୧୬-୩୧, ୨୦୨୬
◆ Vol. -09 ◆ Issue -15
◆ ଭାଗ-୦୯ ◆ ସଂଖ୍ୟା-୧୫
◆ Rs. 2.00 /- ◆ Pages: 04
◆ ମୂଲ୍ୟ: ଟ୨.୦୦ ◆ପୃଷ୍ଠା ସଂଖ୍ୟା: ୦୪
◆ପାକ୍ଷିକ ◆FORTNIGHTLY

RNI Regd. No.: ODIODI/2017/74065
email: pratishabda7@gmail.com

# ପ୍ରତିଶବ୍ଦ
The Pratishabda

ଅଭିନନ୍ଦନ





ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା ଉପଲକ୍ଷେ 'ପ୍ରତିଶବ୍ଦ'ତା'ର ସମସ୍ତ ପାଠକ/ପାଠିକା, ଲେଖକ/ଲେଖିକା, ବିଜ୍ଞାପନଦାତା, ଏଜେଣ୍ଟ, ବିତରକ ଓ ଶୁଭେଚ୍ଛୁ ବନ୍ଧୁମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି।
-ସମ୍ପାଦିକା-

# ଲକ୍ଷ ଲକ୍ଷ ଭକ୍ତଙ୍କୁ ଦର୍ଶନ ଦେଲେ 'ଚତୁର୍ଦ୍ଧାମୂର୍ତ୍ତି'

(ଜୀତେନ୍ଦ୍ର ପତି)

ପୁରୀ : ତୁହାକୁ ତୁହା ବର୍ଷା ସତ୍ତ୍ୱେ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ନିର୍ଦ୍ଧାରିତ ସମୟରେ ୧୨ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ଗହଣରେ ହୋଇଛି । ଶ୍ରୀମନ୍ଦିରର ରତ୍ନସିଂହାସନ ଛାଡ଼ି ଚତୁର୍ଦ୍ଧାମୂର୍ତ୍ତି ବଡଦାଣ୍ଡକୁ ଓହ୍ଲାଇ ଆସିଛନ୍ତି । ରଥରେ ବିରାଜମାନ କରିଛନ୍ତି 'ଚତୁର୍ଦ୍ଧାମୂର୍ତ୍ତି' । ଭକ୍ତଙ୍କୁ ଦର୍ଶନ ଦେବା ପାଇଁ ସେମାନେ ତିନୋଟି ରଥରେ ବିରାଜମାନ ଭାଇ-ଭଉଣୀ । ବଳଭଦ୍ରଙ୍କ ରଥର ନାମ 'ତାଳଧ୍ୱଜ', ସୁଭଦ୍ରାଙ୍କ ରଥ 'ଦେବଦଳନ' ଏବଂ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥର ନାମ 'ନନ୍ଦିଘୋଷ'। ଧାଡ଼ି ପହଣ୍ଡିରେ ଆସି ମହାପ୍ରଭୁମାନେ ରଥାରୂଢ଼ ହୋଇଛି ।

ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ଅତ୍ୟନ୍ତ ପୁଣ୍ୟଦାୟକ। ଶାସ୍ତ୍ର ଅନୁସାରେ- 'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ', ଅର୍ଥାତ୍ ରଥ ଉପରେ ବାମନ ରୂପୀ ଭଗବାନଙ୍କୁ ଦର୍ଶନ କଲେ ମୁକ୍ତି ପ୍ରାପ୍ତି ହୁଏ ଓ ପୁନର୍ଜନ୍ମରୁ ମୁକ୍ତି ମିଳେ। ଏହି ସମୟରେ ଜଗନ୍ନାଥ 'ପତିତପାବନ' ରୂପରେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତି। ଯେଉଁମାନେ ଶ୍ରୀମନ୍ଦିର ଭିତରକୁ ଯାଇପାରନ୍ତି ନାହିଁ, ସେମାନଙ୍କ ପାଇଁ ମହାପ୍ରଭୁ ନିଜେ ବାହାରକୁ ଆସି ଦର୍ଶନ ଦିଅନ୍ତି। ରଥାରୂଢ଼ ଚତୁର୍ଦ୍ଧାମୂର୍ତ୍ତିଙ୍କ ଅପୂର୍ବ ଦୃଶ୍ୟ ଭକ୍ତଙ୍କ ମନରେ ଏକ ଅଲୌକିକ ଆନନ୍ଦ ଓ ଭକ୍ତିଭାବ ଭରିଦିଏ। ଏହା ସାରା ବିଶ୍ୱକୁ ଭାତୃଭାବ, ସମାନତା ଓ ମାନବିକତାର ବାର୍ତ୍ତା ପ୍ରଦାନ କରେ।

ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କ ପହଣ୍ଡି ହୋଇଥବଲା। ସେବାୟତମାନଙ୍କ କାନ୍ଧରେ ପ୍ରଭୁ ସୁଦର୍ଶନ ମା ସୁଭଦ୍ରାଙ୍କ ରଥ ଦର୍ପଦଳନ ଉପରେ ବିଜେ କରିଥିଲେ। ସୁଦର୍ଶନଙ୍କ ପରେ ବଡ ଠାକୁର ବଳଭଦ୍ର ଧାଡି ପହଣ୍ଡିରେ ଆସି ତାଳଧ୍ୱଜ ରଥରେ ବିରାଜମାନ କରିଥିଲେ। ତାଙ୍କ ପରେ ହଳଦୀମୁହିଁ ଦେବୀ ସୁଭଦ୍ରା ଶୂନ୍ୟ ପହଣ୍ଡିରେ ରଥାରୂଢ଼ ହୋଇଥିଲେ। ଶେଷରେ କାଳିଆ ସାଆନ୍ତେ ଗହଳି ଲଗାଇ ଝୁଲିଝୁଲି ରଥାରୂଢ଼ ହୋଇଥିଲେ। ଏହି ଦିବ୍ୟ ମୁହୂର୍ତ୍ତର ସାକ୍ଷୀ ହେବାକୁ ବଡଦାଣ୍ଡରେ ଗହଳି ଲାଗିଛି। ଲକ୍ଷ ଲକ୍ଷ ଶ୍ରଦ୍ଧାଳୁ



ଚର୍ମଚକ୍ଷୁରେ ଏହି ଦିବ୍ୟ ଦୃଶ୍ୟ ଦେଖି କୃତାର୍ଥ ମଣୁଛନ୍ତି। ବର୍ଷାକୁ ଖାତିର ନକରି ମହାପ୍ରଭୁଙ୍କ ବଡଜାତ ଦେଖିବାକୁ ଧାଇଁ ଆସିଛନ୍ତି।

ରଥ ଯାତ୍ରା ପାଇଁ ପ୍ରଶାସନିକ ସମୟ ଅନୁସାରେ ପ୍ରତ୍ୟୁଷରେ ମଙ୍ଗଳାଳତି, ମଇଲମ ଓ ତଡପ ଲାଗି, ରୋଷ ହୋମ, ଅବକାଶ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା ନୀତି ବଢ଼ି ବେଶ ଶେଷ ହୋଇଥିଲା । ଗୋପାଳବଲ୍ଲଭ ଓ ସକାଳଧୂପରେ ଖେଚୁଡି ଭୋଗ ସରିବା ପରେ ରଥ ପ୍ରତିଷ୍ଠା ହୋଇଥିଲା। ଏହାପରେ ମଙ୍ଗଳାର୍ପଣ ସରି ସାଢ଼େ ୯ଟାରେ ଦାରୁଦିଅଁଙ୍କ ପହଣ୍ଡି ଆରମ୍ଭ ହୋଇଥିଲା । ପହଣ୍ଡି ଶେଷ ହେବା ପରେ ଶ୍ରୀମଦନମୋହନ ଓ ଶ୍ରୀରାମଶ୍ରୀକୃଷ୍ଣ ରଥରେ ବିଜେ ହୋଇଥିଲେ । ଏହାପରେ ଠାକୁରଙ୍କ ଚିତାଲାଗି ହୋଇଥିଲା ।

ମହାପ୍ରଭୁଙ୍କ ପ୍ରଥମ ସେବକ ଗଜପତି ମହାରାଜା ଦିବ୍ୟସିଂହ ଦେବ ନିର୍ଦ୍ଧାରିତ ସମୟରେ ପହଞ୍ଚି ତିନି ରଥକୁ ସୁନା ଖଡ଼ିକାରେ ଛେରା ପହଁରା କରିବା ପରେ ରଥ ଧିରେ ଧିରେ ମାଉସୀ ମା' ମନ୍ଦିର ଆଡ଼କୁ ଆଗମନ କରିଥିଲା । ତେବେ ଶରଧା ବାଲିରେ ତିନି ରଥ ରହିଥିବା ଜଣାପଡ଼ିଛି ।

ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରା ସମୟରେ ଏକ ଅଭାବନୀୟ ଘଟଣା ସମଗ୍ର ଓଡ଼ିଆ ଜାତିର ଭାବାବେଗକୁ ଗଭୀର ଆଘାତ ଦେଇଛି। ପହଣ୍ଡି ସମୟରେ ଅଧା ବାଟରୁ ଖୋଲିଗଲା ମହାପ୍ରଭୁଙ୍କ ଟାହିଆ। ପହଣ୍ଡି ବେଳେ ମହାପ୍ରଭୁଙ୍କ ମସ୍ତକରେ 'ଟାହିଆ' ନଥିବା ଘଟଣା ସମଗ୍ର ଓଡ଼ିଆ ଜାତିର ଭାବାବେଗକୁ ଗଭୀର ଆଘାତ ଦେଇଛି। ଯାହା ପ୍ରଥମ ଥର ପାଇଁ ଘଟିଛି। ପୂର୍ବରୁ କେବେ ଏପରି ଘଟି ନଥିଲା।

ପୁରୀ ରଥଯାତ୍ରାରେ ଏକ ବଡ ଅଘଟଣ ଘଟିଛି। ବଡଦାଣ୍ଡରେ ଠେଲାପେଲାରେ ଜଣେ ଭକ୍ତଙ୍କ ଅଣନିଃଶ୍ୱାସୀ ହୋଇ ଦୁଇ ଭକ୍ତଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆହତ ହୋଇଛନ୍ତି।

## ରାଜ୍ୟରେ ୧୨,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ଆଦିତ୍ୟ ବିର୍ଲା ଗ୍ରୁପ୍



ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଦିତ୍ୟ ବିର୍ଲା ଗ୍ରୁପର ଅଧ୍ୟକ୍ଷ ଶ୍ରୀ କୁମାର ମଙ୍ଗଳମ ବିର୍ଲାଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଆଲୋଚନା କରିଛନ୍ତି । ଏହି ବୈଠକରେ ରାଜ୍ୟରେ ଚାଲୁ ରହିଥିବା ଏବଂ ପ୍ରସ୍ତାବିତ ବିଭିନ୍ନ ପୁଞ୍ଜିନିବେଶ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି । ରାଜ୍ୟରେ ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବୃହତ ପ୍ରକଳ୍ପଗୁଡିକର ସମୟାନୁବର୍ତୀ ସମାପ୍ତ ଏବଂ ଏଥିପାଇଁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ନେଇ ବୈଠକରେ ଆଲୋଚନା ହୋଇଥିଲା । ଏହା ସହିତ ଓଡିଶାରେ ଯେଉଁସବୁ କ୍ଷେତ୍ରରେ ଗ୍ରୁପର ବଡ ଧରଣର କାର୍ଯ୍ୟକଳାପ ନାହିଁ, ସେହିସବୁ କ୍ଷେତ୍ରରେ ପୁଞ୍ଜିନିବେଶ ବୃଦ୍ଧି କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି । ଏହି ବୈଠକରେ ଏକ ପ୍ରମୁଖ ସଫଳତା ହେଉଛି ରାୟଗଡା ଜିଲ୍ଲା କାଶୀପୁର ତହସିଲ ଅନ୍ତର୍ଗତ କାଂସାରୀଗୁଡାଠାରେ ଗ୍ରୁପର ଗ୍ରୀନଫିଲ୍ଡ ଆଲୁମିନା ରିଫାଇନେରୀ ପ୍ରକଳ୍ପର ସମ୍ପ୍ରସାରଣ ପ୍ରସ୍ତାବ । ହିନ୍ଦାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ଏହି ପ୍ରକଳ୍ପର ବିକାଶ କରାଯାଉଛି ।ପ୍ରାରମ୍ଭିକ ପ୍ରସ୍ତାବ : ପ୍ରଥମେ ଏହି ରିଫାଇନେରୀ ବାର୍ଷିକ ୧ ନିୟୁତ ଟନ୍ (1 MTPA) କ୍ଷମତା ଏବଂ ପ୍ରାୟ ୮,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ସହ ଆରମ୍ଭ କରାଯିବାର ଯୋଜନା ଥିଲା । ସମ୍ପ୍ରସାରିତ ପ୍ରସ୍ତାବ : ପ୍ରକଳ୍ପର ଦୀର୍ଘକାଳନ ସମ୍ଭାବନା ଏବଂ ଓଡିଶା ସରକାରଙ୍କ ସକ୍ରିୟ ସହଯୋଗକୁ ଦୃଷ୍ଟିରେ ରଖି, ଗ୍ରୁପ ଏହାର କ୍ଷମତା ଆହୁରି ୨ ନିୟୁତ୍ ଟନ୍ ବୃଦ୍ଧି କରିବା ପାଇଁ ଅତିରିକ୍ତ ୧୨,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ପ୍ରସ୍ତାବ ଦେଇଛି ।

ଏହି ସମ୍ପ୍ରସାରଣ ପରେ କାଂସାରୀଗୁଡା ରିଫାଇନେରୀର ସମୁଦାୟ କ୍ଷମତା ବାର୍ଷିକ ୩ ନିୟୁତ୍ ଟନ୍ (3 MTPA) କୁ ବୃଦ୍ଧି ପାଇବ ଏବଂ ମୋଟ ପୁଞ୍ଜିନିବେଶର ପରିମାଣ ପ୍ରାୟ ୨୦,୦୦୦ କୋଟି ଟଙ୍କାରେ ପହଂଚିବ ।ଏହି ପ୍ରକଳ୍ପ ଦ୍ୱାରା ରାଜ୍ୟରେ ବ୍ୟାପକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏହାସହ ସ୍ଥାନୀୟ ଉଦ୍ୟୋଗ, ସେବା ପ୍ରଦାନକାରୀ ଏବଂ ଡାଉନଷ୍ଟ୍ରିମ (ଆନୁସଙ୍ଗିକ) ଶିଳ୍ପଗୁଡିକ ପାଇଁ ନୂତନ ପନ୍ଥା ଉନ୍ମୁକ୍ତ ହେବ । ଏହି ପ୍ରସ୍ତାବକୁ ସ୍ୱାଗତ କରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ ଓଡିଶାର ଖଣିଜ ସମ୍ପଦ ଶକ୍ତି ରାଜ୍ୟ ମଧ୍ୟରେ ଅଧିକ ମୂଲ୍ୟ ସଂଯୋଜନ (Value Addition), ଉନ୍ନତ ବିନିର୍ମାଣ ଏବଂ ଗୁଣାତ୍ମକ ନିଯୁକ୍ତିରେ ରୂପାନ୍ତରିତ ହେବା ଆବଶ୍ୟକ । ଆଲୁମିନିୟମ ଏହି ଦୂରଦୃଷ୍ଟିର କେନ୍ଦ୍ରବିନ୍ଦୁ ଅଟେ । ଆମେ କେବଳ ଆଲୁମିନା ଏବଂ ଆଲୁମିନିୟମ ଉତ୍ପାଦନରେ ଦେଶର ନେତୃତ୍ୱ ନେବାକୁ ଚାହୁଁନାହିଁ, ବରଂ ରିଫାଇନିଂ, ପ୍ରାଥମିକ ଧାତୁ ଠାରୁ ଆରମ୍ଭ କରି ଆନୁଷଙ୍ଗିକ ଏବଂ ଉନ୍ନତ ଉତ୍ପାଦ ପର୍ଯ୍ୟନ୍ତ ସମଗ୍ର ଭାଲ୍ୟୁ ଚେନରେ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ବ୍ୟବସ୍ଥା ଗଢିବାକୁ ଲକ୍ଷ୍ୟ ରଖିଛୁ ।

## ଜେଲରୁ ମୁକୁଳିବେ ଦାରା ସିଂ



ଭୁବନେଶ୍ୱର : ଜେଲରୁ ମକୁଳିବେ ଦାରା ସିଂ । ୨୬ ବର୍ଷ ପରେ କାରାଗାରରୁ ବାହାରିବେ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲ୍। ଅଗଷ୍ଟ ୧୫ ସୁଦ୍ଧା ତାଙ୍କୁ ଜେଲରୁ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ। ଯଦି ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରାଯାଏ ତେବେ ୧୯ ତାରିଖରେ ପୁଣି ଥରେ ଶୁଣାଣି ହେବ ।

ସୂଚନା ଅନୁଯାୟୀ, ୨୦୨୬ ମସିହା ଜୁଲାଇ ୬ ତାରିଖରେ ଷ୍ଟେଟ ରିଭ୍ୟୁ ବୋର୍ଡରେ କଏଦୀଙ୍କୁ ଛାଡ଼ିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହାକୁ ନେଇ ଦାରା ସେନା ପକ୍ଷରୁ ସୁପ୍ରିମକୋର୍ଟରେ ଏକ ମାମଲା ରୁଜୁ ହୋଇଥିଲା । ଦାରା ସେନା ପକ୍ଷରୁ ପକ୍ଷ ରଖିଥିଲେ ଆଇନଜୀବନ ଏପି ସିଂହ । ସମସ୍ତ ପକ୍ଷକୁ ବିଚାରକୁ ନେଇ ସୁପ୍ରିମକୋର୍ଟ ଦାରା ସିଂହ ଓରଫ ରବୀନ୍ଦ୍ର କୁମାର ପାଲଙ୍କୁ ଅଗଷ୍ଟ ୧୫ ତାରିଖ ସୁଦ୍ଧା ଖଲାସ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ଏହା ମାମଲରେ କିଛି ଟେକ୍ନିକାଲ ପଏଣ୍ଟ ରହିଥିବାରୁ ସମସ୍ୟା ସୃଷ୍ଟି ହେଉଛି । ଯେହେତୁ ଦାରା ସିଂହ ଉତ୍ତର ପ୍ରଦେଶର ବାସିନ୍ଦା ତେଣୁ ଭେରିଫିକେସନ ପାଇଁ ଅସୁବିଧା ରହିଛି । ଯଦି ଅଗଷ୍ଟ ୧୫ ସୁଦ୍ଧା ନ ଛାଡ଼ନ୍ତି, ତାହେଲେ ଅଗଷ୍ଟ ୧୯ରେ ପୁଣି ଶୁଣାଣି ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି ।

## ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଜେଡି ନେତା ଓ କର୍ମୀଙ୍କ ସହ ଆଲୋଚନା କଲେ ନବୀନ ପଟ୍ଟନାୟକ



ଭୁବନେଶ୍ୱର :ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିକାଶମୂଳକ କାର୍ଯ୍ୟ ଏବଂ ସାଂଗଠନିକ ବ୍ୟବସ୍ଥାକୁ ନେଇ ସମୀକ୍ଷା କରିଛନ୍ତି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ। ବ୍ରଜରାଜନଗରର ପୂର୍ବତନ ବିଧାୟିକା ଶ୍ରୀମତୀ ଅଳକା ମହାନ୍ତିଙ୍କ ନେତୃତ୍ୱରେ ଆସିଥିବା ଏକ ପ୍ରତିନିଧି ଦଳ ଶଙ୍ଖ ଭବନଠାରେ ଦଳୀୟ ସୁପ୍ରିମୋଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ସାକ୍ଷାତକାର ଅବସରରେ ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତରାଜ ଅନୁଷ୍ଠାନ ର ପ୍ରତିନିଧି, ବରିଷ୍ଠ ବିଜେଡି ନେତା ଏବଂ ଆଗଧାଡ଼ିର କର୍ମୀମାନେ ଉପସ୍ଥିତ ଥିଲେ। ଅଞ୍ଚଳରେ ଚାଲିଥିବା ବିଭିନ୍ନ ପ୍ରଗତିମୂଳକ କାର୍ଯ୍ୟର ଅଗ୍ରଗତି ଏବଂ ସ୍ଥାନୀୟ ସମସ୍ୟା ସମ୍ପର୍କରେ ନେତୃବୃନ୍ଦ ଦଳୀୟ ସଭାପତିଙ୍କୁ ଅବଗତ କରାଇଥିଲେ ।ଏହା ସହିତ ତୃଣମୂଳ ସ୍ତରରେ ସଂଗଠନକୁ ଆହୁରି ମଜବୁତ କରିବା ସହ ଲୋକଙ୍କ ସୁଖଦୁଃଖରେ ସାମିଲ ହୋଇ କାର୍ଯ୍ୟ କରିବାକୁ ଶ୍ରୀ ପଟ୍ଟନାୟକ ଦଳୀୟ କର୍ମୀ ଓ ସଂଗଠକମାନଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ବାଚନ ମଣ୍ଡଳୀର ପ୍ରତିଟି ବୁଥ୍ ସ୍ତରରେ ଦଳୀୟ ସଂଗଠନକୁ କ୍ରିୟାଶୀଳ କରିବା ଏବଂ ବିଜେଡିର ଜନକଲ୍ୟାଣକାରୀ ଆଦର୍ଶକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଏହି ବୈଠକରେ ରଣନୀତି ପ୍ରସ୍ତୁତ କରାଯାଇଛି।

## ତିର୍ତ୍ତୋଲ ମାଟିର ଅନନ୍ୟ ସମାଜସେବୀ ତଥା ବିକାଶର ପୁରୋଧା ଥିଲେ ଜନନାୟକ ମୁରଲୀଧର ରଥ

ଭୁବନେଶ୍ୱର: ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ମୁଦୁପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମର ପୂର୍ବତନ ସରପଞ୍ଚ ତଥା ବ୍ଲକ୍ ଉପାଧକ୍ଷ ସ୍ୱର୍ଗତ ମୁରଲୀଧର ରଥଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଆସନ୍ତା ଜୁଲାଇ ୧୭ ତାରିଖ ରବିବାର ଦିନ ସ୍ୱର୍ଗତ ରଥଙ୍କ ଜନ୍ମମାଟି ଶ୍ରୀରାମ ମନ୍ଦିର ସମ୍ମୁଖରେ ଅନୁଷ୍ଠିତ ହେବ ଏବଂ ଏଥି ସହ ସ୍ୱର୍ଗତ ରଥଙ୍କ ପୁସ୍ତକ ଉନ୍ମୋଚନ ହେବା ସହ ପ୍ରତିମୂର୍ତ୍ତି ଅନାବରଣ କରାଯିବ ।




ଏହି ଅବସରରେ ଉଦ୍‌ଘାଟକ ଭାବେ ପ୍ରାକ୍ତନ ନ୍ୟାୟାଧୀଶ ନ୍ୟାୟମୂର୍ତ୍ତି ବିମଳ ପ୍ରସାଦ ଦାସ, ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ସନ୍ତୋଷ ତ୍ରିପାଠୀ,ସମ୍ମାନୀୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ମହାନ୍ତି, ବିଶିଷ୍ଟ ସମାଜସେବୀ ଓ ସାହିତ୍ୟିକ ଡ. ଗୋବିନ୍ଦ ଭୂୟାଁ,ମୁରଲୀଧର ରଥ ଦାତବ୍ୟ ସେବା ପରିଷଦ ସଭାପତି ମହେନ୍ଦ୍ର କୁମାର ଆଚାର୍ଯ୍ୟ, ମୁରଲୀଧର ରଥ ଦାତବ୍ୟ ସେବା ପରିଷଦ ସମ୍ପାଦକ ବୀରନାରାୟଣ ପାତ୍ର ପ୍ରମୁଖ ଯୋଗ ଦେବେ।

ଜଣେ ସଫଳ ବ୍ୟବସାୟୀ ଭାବରେ କ୍ୟାରିୟର ଆରମ୍ଭ କରିଥିବା ସ୍ୱର୍ଗତ ରଥ ପଟିଲୋ ପଂଚାୟତରୁ ଲଗାତାର ୪ଥର ସରପଂଚ ଏବଂ ତିର୍ତ୍ତୋଲ ବ୍ଲକ୍ ?ର ଉପାଧ୍ୟକ୍ଷ ସହ କଟକ ଜିଲ୍ଲା ସରପଞ୍ଚ ମହାସଂଘର ସଭାପତି ରହିବା ସହ ଦୀର୍ଘ ଦିନ ଧରି ରାଜନୀତି ଓ ସମାଜସେବା କରି ସମଗ୍ର ଜିଲ୍ଲାରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ । ଚାନ୍ଦପୁର ଗ୍ରାମରେ ପୋଷ୍ଟ ଅଫିସ୍, ପଶୁ ଚିକିତ୍ସାଳୟ, ପୋଲିସ ଫାଣ୍ଡି, ଅଙ୍ଗନବାଡ଼ି କେନ୍ଦ୍ର, ଗ୍ରାମ୍ୟ ଶ୍ମଶାନର ଉନ୍ନତିକରଣ, ଅତିଥି ଭବନ ଏବଂ ଏକ ରାଷ୍ଟ୍ରାୟତ ବ୍ୟାଙ୍କର ଶାଖା ପ୍ରତିଷ୍ଠା କରିବାରେ ସ୍ୱର୍ଗତ ରଥ ଉଲ୍ଲେଖନୀୟ ଅବଦାନ ରଖିଥିଲେ।

ଜଣେ ଆଧ୍ୟାତ୍ମିକବାଦୀ ଭାବେ ସ୍ୱର୍ଗତ ରଥ ଚାନ୍ଦପୁର ଗ୍ରାମରେ ଶ୍ରୀରାମ ମନ୍ଦିର ସଂଲଗ୍ନ ଏକ ବିଶାଳ 'ଯଜ୍ଞ ମଣ୍ଡପ' ସ୍ଥାପନ,ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଚନ୍ଦ୍ରଶେଖରଙ୍କ ପୁରାତନ ମନ୍ଦିରର ସଂସ୍କାର ଏବଂ ଏକ ଭବ୍ୟ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ସହ ମସଜିଦ୍ ଗୁଡ଼ିକର ଉନ୍ନତିକରଣ ପାଇଁ ମଧ୍ୟ ସହଯୋଗର ହାତ ବଢ଼ାଇଥିଲେ । ସ୍ୱର୍ଗତ ରଥଙ୍କ ନିସ୍ୱାର୍ଥପର ସେବା ପାଇଁ ସ୍ୱର୍ଗତ ରଥ ଓଡ଼ିଶାର ବହୁ ସୁପ୍ରତିଷ୍ଠିତ ସାମାଜିକ ତଥା ଧାର୍ମିକ ଅନୁଷ୍ଠାନ ତରଫରୁ ସେ ମର୍ଯ୍ୟାଦାଜନକ ' ସମାଜ ସେବା ସମ୍ମାନ'ରେ ସମ୍ମାନିତ ହୋଇଛନ୍ତି ।

ଏହା ବ୍ୟତୀତ ନିଜର ମୃତ୍ୟୁ ପୂର୍ବରୁ ଦିଲ୍ଲୀର ଏକ ସମ୍ମାନଜନକ ମଞ୍ଚରେ ତାଙ୍କୁ ' ଗ୍ଲୋରୀ ଅଫ୍ ଇଣ୍ଡିଆ - ୨୦୨୫ ' ପୁରସ୍କାର ପ୍ରଦାନ କରାଯାଇଥିଲା , ଯାହା ତାଙ୍କର ଜନସେବା ପ୍ରତି ଥିବା ନିଷ୍ଠାର ପ୍ରମାଣ ଦିଏ । ତେଣୁ ନିଜ ଅଂଚଳର ବିକାଶ ସହ ଜଗତସିଂହପୁର ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ତାଙ୍କର ସମ୍ମାନାର୍ଥେ ତାଙ୍କର ପୈତୃକ ବାସଭବନରେ ଶ୍ରଦ୍ଧାଞ୍ଜଳୀ ସ୍ୱରୂପ ଏକ ସ୍ମୃତି ଚାରଣ ସଭା ମହା ସମାରୋହରେ ଅନୁଷ୍ଠିତ ହେବ। ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଏକ ଘରୋଇ ହୋଟେଲଠାରେ ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱର୍ଗତ ମୁରଲିଧର ସ୍ମୃତି କମିଟି ସଂଯୋଜକ ପ୍ରମୋଦ ସାମନ୍ତରାୟ,ସ୍ୱର୍ଗତ ରଥଙ୍କ ପୁଅ ଶରତ କୁମାର ରଥ, ଜୀବନୀ ଲେଖକ ଜ୍ଞାନ ରଞ୍ଜନ ମହାନ୍ତି, ବରିଷ୍ଠ ସାମ୍ବାଦିକ ଗିରିଜା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ଏସ୍‌ସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ଗିରଫ



ଭୁବନେଶ୍ୱର : :ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକରେ ତ୍ରୁଟି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ଏହି ଘଟଣାରେ କ୍ରାଇମବ୍ରାଞ୍ଚ SCERTର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ ଗିରଫ କରିଛି। କ୍ରାଇମବ୍ରାଞ୍ଚ ପଚରାଉଚରା ପରେ ତାଙ୍କୁ ଗିରଫ କରିଛି।

ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କରେ କ୍ରାଇମବ୍ରାଞ୍ଚରେ ଏତଲା ହେବା ପରେ ତଦନ୍ତ ଆରମ୍ଭ ହୋଇଥିଲା। ସୋମବାର ସନ୍ଧ୍ୟାରେ ଏସସିଇଆରଟି ନିର୍ଦ୍ଦେଶିକା ମଧୁସ୍ମିତା ସାହୁ କ୍ରାଇମବ୍ରାଞ୍ଚରେ ପାଠ୍ୟପୁସ୍ତକ ତ୍ରୁଟି ସମ୍ପର୍କରେ ଏତଲା ଦାୟର କରିଥିଲେ। ଏତଲାରେ ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କ ସହ ଆଉ ପାଞ୍ଚ ଜଣଙ୍କ ନାଁ ରହିଛି। ଏସସିଇଆରଟିର ଏତଲା ଅନୁସାରେ ଏହି ଛଅ ଜଣ ହିଁ ପାଠ୍ୟପୁସ୍ତକ ତ୍ରୁଟି ପାଇଁ ଷଡଯନ୍ତ୍ର କରିଥିଲେ। ପ୍ରାଥମିକ ଭାବେ କ୍ରାଇମବ୍ରାଞ୍ଚ ଟିମ୍ ଏସସିଇଆରଟି ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢୀଙ୍କୁ ଅଟକ ରଖି ପଚରାଉଚୁରା କରିଥିଲେ।

ସୂଚନାଯୋଗ୍ୟ ଯେ ପାଠ୍ୟପୁସ୍ତକ ତ୍ରୁଟି ଘଟଣାକୁ ରାଜ୍ୟ ସରକାର ଗୁରୁତ୍ୱର ସହ ନେଇଛନ୍ତି ।ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତଭାର କ୍ରାଇମବ୍ରାଞ୍ଚକୁ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଏସପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସପି ନରେନ୍ଦ୍ର କୁମାର ବେହେରାଙ୍କୁ ଏହି ସମ୍ବେଦନଶୀଳ ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଛି ।

## ସମ୍ପାଦକୀୟ

# ରାସ୍ତାରେ ଗାତ ମରଣ ଯନ୍ତା

ମୁମ୍ବଇରେ ବର୍ଷାଜଳରେ ବୁଡି ରହିଥିବା ଘୋଡଣି ନଥିବା ଏକ ଡ୍ରେନ ଗର୍ତ (ମ୍ୟାନହୋଲ)ରେ ପଡି ଜଣେ ଲୋକର ମୃତ୍ୟୁ ଘଟିବା ପୁଣି ଥରେ ମୌସୁମୀ ଦେଶର ସାର୍ବଜନୀନ ଭିତିଭୂମି ଢାଂଚା ଭାରତର ବିପଦପୂର୍ଣ୍ଣ ସ୍ଥିତିର ପର୍ଦ୍ଦାଫାଶ କରିଛି ବୋଲି କୁହାଯାଇପାରିବ। କେବଳ ମୁମ୍ବାଇ ନୁହେଁ, ମୌସୁମୀ ଋତୁରେ ଦେଶର ବିଭିନ୍ନ ଅଂଚଳରେ ପ୍ରତିବର୍ଷ ଏଭଳି ଦୁର୍ଘଟଣାଜନିତ ମୃତ୍ୟୁ ଘଟୁଥିବାବେଳେ ନବ ନିର୍ମିତ ଦିଲ୍ଲୀ-ଡେରାଡୁନ ଏକ୍ସପ୍ରେସୱେ ମଧ୍ୟ ଏଥିରୁ ପୃଥକ ନୁହେଁ। ଦୁଃଖଦ ସ୍ଥିତି ଏହା ଯେ, ସରକାରୀ ଅବହେଳା ଏବଂ ଦୁର୍ବଳ ଇଂଜିନିୟରି ତଥା ଭିତିଭୂମି ପ୍ରତିବର୍ଷ ବର୍ଷା ଋତୁରେ ଜନଜୀବନ ପ୍ରତି ବିପଦର କାରଣ ହୋଇଛି। ମୁମ୍ବାଇରେ ନିକଟରେ ଘଟିଥିବା ଟ୍ରାଜେଡି ନିବାରଣ ଯୋଗ୍ୟ। ପରିଚାଳନା ତଥା ଦୂରଦୃଷ୍ଟିର ଅଭାବ ଯୋଗୁଁ ଗୋଟିଏ ଗର୍ତ ଘୋଡଣି ବିହିନ ରହିବା ଏକ ଅଦୃଶ୍ୟ ମୃତ୍ୟୁ ଯନ୍ତାରେ ପରିଣତ ହୋଇଛି। ଏଳଭି ଘଟଣାରେ ପ୍ରଶାସନିକ ଅଧିକାରୀଙ୍କୁ ନିଲମ୍ବନ ଓ ଠିକାଦାରକୁ କଳାତାଲିକା ଭୁକ୍ତ କରାଯିବା ଜରୁରୀ । ଅବଶ୍ୟ ଜଣଙ୍କର ଜୀବନ ଯିବା ପରେ ମହାରାଷ୍ଟ୍ର ସରକାର ୪ଜଣ ପଦସ୍ଥ ଅଧିକାରୀଙ୍କୁ ନିଲମ୍ବନ କରିଛନ୍ତି। ଆମ ଦେଶରେ ପ୍ରତିବର୍ଷ ମୁକୁଳା ଡ୍ରେନ ଜୀବନ ନେଉଥିବାବେଳେ ବିରୋଧିଦଳ ହୋ ହାଲା କରେ, ରାସ୍ତାରୋକ ହୁଏ, ନିଲମ୍ବନ ହୁଏ ତଦନ୍ତ ହୁଏ, ପରେ ସବୁ ଶାନ୍ତ ହୋଇଯାଏ। ପ୍ରତିବର୍ଷ ଏହିଭଳି ଦୁର୍ଘଟଣା ଘଟୁଥିବାବେଳେ ସରକାର କିମ୍ବା ପ୍ରଶାସନ ଏଥିରୁ କିଛି ଶିକ୍ଷା କରିଥିବା ଭଳି ମନେହୁଏ ନାହିଁ। କହିବା ବାହୁଲ୍ୟ ଯେ, ଗତବର୍ଷ ଜାତୀୟ ରାଜଧାନୀ ଦିଲ୍ଲୀରେ ମୁକୁଳା ଡ୍ରେନରେ ବର୍ଷା ଜଳ ସ୍ରୋତରେ ଜଣେ ମହିଳା ଓ ତାଙ୍କର ୩ବର୍ଷର ଶିଶୁ ପୁତ୍ରର ମୃତ୍ୟୁ ଘଟିଥିଲା। ବର୍ଷା ଜଳରେ ସ୍କୁଟରଟି ସ୍ଲିପ୍ କରିଯିବାରୁ ସେମାନେ ଡ୍ରେନ ଭିତରକୁ ଖସି ପଡିଥିଲେ। ଦେଶର ଆଇଟି ହବ୍ ଭାବେ ପରିଚିତ ବେଙ୍ଗାଲୁରରେ ସ୍ପଷ୍ଟ ଦିବାଲୋକରେ ବର୍ଷାଜଳରେ ରାସ୍ତାରେ ଥିବା ଖାଲରେ ପଡି ଜଣେ ଯୁବ ଇଂଜିନିୟରଙ୍କ ଜୀବନ ଯିବା ଘଟଣା ବୋଧହୁଏ କେହି ପାଶୋରୀ ନଥିବେ। ଆମ ରାଜ୍ୟରେ ମୁକୁଳା ଡ୍ରେନ ମୃତୁ ଆଜି ମଧ୍ୟ କିଛି କମ୍ ନୁହେଁ କି ନୂଆ ନୁହେଁ। ରାଜଧାନୀ ଭୁବନେଶ୍ୱରରେ କିଛି ବର୍ଷ ତଳେ ଟିଉସନ ଯାଉଥିବା ସମୟରେ ବର୍ଷା ଜଳରେ ଭରପୁର ଏକ ମୁକୁଳା ଡ୍ରେନରେ ଭାସିଯାଇ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଏକ ଘଟଣାରେ ଜଣେ ୭ବର୍ଷର ବାଳକର ଜୀବନ ଯାଇଥିଲା। ସହସ୍ର ବର୍ଷର ସହର ଧବଳ ନଗର କଟକରେ ମୁକୁଳା ଡ୍ରେନ ମୃତ୍ୟୁ ଯନ୍ତାରେ ପରିଣତ ହୋଇଥିବା କହିଲେ, ଅତିରଂଜିତ ହୋଇନପାରେ। ରାଜଧାନୀରେ ଗତ ବର୍ଷେ ହେଲା ଡ୍ରେନ ମରାମତି ଚାଲିଥିବାବେଳେ ବହୁ ଡ୍ରେନ ଏବେ ମୁକୁଳା ରହିଛି। ଆହୁରି ମଧ୍ୟ ବିଭିନ୍ନ କମ୍ପାନୀ ରାସ୍ତା କଡରେ ବଡ ବଡ ଗାତ ଖୋଳି ପାଇପ ବିଛାଇବାରେ ବ୍ୟସ୍ତ। ଏବେ ବର୍ଷା ଋତୁରେ ରାସ୍ତା ଉପରେ ବନ୍ୟାର ସ୍ରୋତ ଲାଗି ରହିଛି। କେତେବେଳେ ମୁକୁଳା ଅଧପନ୍ତରିଆ ଡ୍ରେନ, ଗାତ କାହାର ଜୀବନ ନେବା କିଛି କହିହେବ ନାହିଁ । ଏହା ନିସନ୍ଦେହ ଯେ, ଭାରତୀୟ ସହରଗୁଡ଼ିକରେ ବର୍ଷ ପରେ ବର୍ଷ ଏଭଳି ଦୁର୍ଘଟଣା ଘଟି ଚାଲିଥିବା ବେଳେ କର୍ତୃପକ୍ଷ ଆଖିବୁଜି ଦେଇଥିବା କହିଲେ ଭୁଲ ହୋଇନପାରେ । ଦେଶର ଅର୍ଥନୈତିକ ସହର ଭାବେ ପରିଚିତ ମୁମ୍ବାଇ ମୌସୁମୀ ବର୍ଷାରେ ଜଳାର୍ଣ୍ଣବ ହେବା ସହ ଜୀବନ ଯାତ୍ରା ଠପ୍ ହୋଇଯାଇଥିଲା। କେବଳ ମୁମ୍ବାଇ ନୁହେଁ, ଦେଶର ସମସ୍ତ ସହରରେ ଅନୁରୂପ ଅବସ୍ଥା ଲାଗି ରହିଛି। ଚାରି ବର୍ଷ ତଳେ ଦିଲ୍ଲୀରେ ଘର ଭିତରେ ବର୍ଷା ଜଳରେ ବୁଡି ୩ଜଣ ମେଧାବୀ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟଣା ବୋଧହୁଏ କେହି ଭୁଲି ନଥିବେ। ୨୦୧୫ରେ ଚେନ୍ନାଇରେ ରାଜରାସ୍ତା ତଥା ଗଳି କନ୍ଦିରେ ଡଙ୍ଗା ଚାଲିବା ଭାରତୀୟ ସହରଗୁଡିକର ଭିତିଭୂମି ସମ୍ପର୍କରେ ସଂକେତ ପ୍ରଦାନ କରେ। ଉପଯୁକ୍ତ ବୈଷୟିକ ବିଦ୍ୟା, ଇଞ୍ଜିନିୟରିଂ ତଥା ନକସାର ଅବହେଳା ନିମ୍ନମାନର କାମ ଏ ସବୁ ପାଇଁ ଦାୟୀ। ରାସ୍ତା ନିର୍ମାଣର ମାସକ ମଧ୍ୟରେ ପିଚୁ ଉଠି ରାସ୍ତାରେ ବଡ ବଡ ଗାତ ସୃଷ୍ଟି ହେବା ଦେଶରେ ପରମ୍ପରାଗତ ହୋଇଗଲାଣି। ଏଥିପାଇଁ କାର୍ଯ୍ୟାନୁଷ୍ଠାନ ନାହିଁ। କାର୍ଯ୍ୟରେ ନିୟୋଜିତ ଇଂଜିନିୟର ଓ ଠିକାଦାରଙ୍କୁ ଉତରଦାୟୀ କରାଯିବାର ସମୟ ଏବେ ଆସିଛି। ଅନ୍ୟଥା ରାସ୍ତାରେ ଗାତ ପ୍ରତିବର୍ଷ ମରଣଯନ୍ତାରେ ପରିଣତ ହେବା ସାର ହେବ।

## ବିଜ୍ଞାନ ଦିଏ ନୂଆ ଜୀବନ

ବିଜ୍ଞାନର ଦାନ ଅଟଇ ମହାନ
ଦିଏ ସେ ନୂଆ ଜୀବନ
ତା' ଲାଗି ସଂସାର ସରସ ସୁନ୍ଦର
ଅସୀମ ତା' ଅବଦାନ
ବିଶେଷ ଜ୍ଞାନର ଜ୍ୟୋତିଶିଖା ସିଏ
ତେଣୁ ନାମ ତା' ବିଜ୍ଞାନ
ଦିବ୍ୟଜ୍ଞାନୀ ଏହି ବିଜ୍ଞ ମଣିଷର
ଅଟେ ମାନସ ସନ୍ତାନ।
ଫେବୃଆରୀ ଅଠାଇଶି ତାରିଖଟି
ଅଟେ ବିଜ୍ଞାନ ଦିବସ
ବିଜ୍ଞାନ ଦାନକୁ କରି ସୁମରଣା
ପାଳୁଅଛି ସାରା ବିଶ୍ୱ ।
କୃଷି,ଶିକ୍ଷା ଆଉ ଚିକିତ୍ସା କ୍ଷେତ୍ରରେ
ଉନ୍ନତ ଜ୍ଞାନର ବଳେ
ରୋଗ ନିଦାନରେ ଅସ୍ତ୍ରୋପଚାରକୁ
କାର୍ଯ୍ୟ କରୁ କଉଶଳେ।
ଲଙ୍ଘିଛୁ ସାଗର ମାପିଛୁ ଆକାଶ,
ଚନ୍ଦ୍ରରେ ଥାପିଛୁ ପାଦ
ପୁରୁଣାକାଳର ଅନ୍ଧବିଶ୍ୱାସରେ
ପକାଇଛୁ ପୂର୍ଣ୍ଣଛେଦ।
ବିଜୁଳି ସହିତ ପରମାଣୁ ଶକ୍ତି,
କରିଅଛୁ ଉଦ୍ଭାବନ
ଗଢିଅଛୁ କେତେ କଳ କାରଖାନା
ବଢାଇଛୁ ଉତ୍ପାଦନ।
ବେତାରଯନ୍ତ୍ର ସହ ଦୂରଦର୍ଶନ
ମୋବାଇଲ୍ ବ୍ୟବହାର
ସମଗ୍ର ବିଶ୍ୱର ଦୂରତ୍ୱ ତ ଏବେ
ହୋଇଛି ନିକଟତର।
ହେଲେ ବିଜ୍ଞାନର ଅଗ୍ରଗତି ପାଇଁ
ନଷ୍ଟ ନହେଉ ପ୍ରକୃତି
ନହେଉ ଏହାର ଅପବ୍ୟବହାର
ସଭ୍ୟତା ନହେଉ ଇତି।
ହିରୋସୀମା ନାଗାସାକି ବିଭୀଷିକା
ନହେଉ ପୁନରାବୃତ୍ତି
ହିତାର୍ଥେ ବିଜ୍ଞାନ ହେଉ ବିନିଯୋଗ
ଜଗତେ ବିରାଜୁ ଶାନ୍ତି।
ରହୁ ଅବ୍ୟାହତ ଏହି ଜୟଯାତ୍ରା
ଅଜ୍ଞାନତା ହେଉ ଶେଷ
ବିଶ୍ୱହିତ ହେଉ ବିଜ୍ଞାନ ଉଦ୍ଦେଶ୍ୟ
ମଧୁମୟ ହେଉ ବିଶ୍ୱ।

**ରବିନ୍ଦ୍ରନାଥ ବାହିନୀପତି**
**ରାଇଘର।**

# ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିରାମ ଓ ଏହାର ଭବିଷ୍ୟତ

**ଡା. ରାଜକିଶୋର ପଣ୍ଡା**



ପ୍ରବନ୍ଧଟିକୁ ଲେଖିବା ବେଳକୁ ଶାନ୍ତିଚୁକ୍ତି ସ୍ୱାକ୍ଷରିତ ହେବାପରେ, ଦୀର୍ଘକାଳୀନ ଶାନ୍ତି ସ୍ଥାପନା କରିବା ଉଦ୍ଦେଶ୍ୟରେ ଆମେରିକା ଓ ଇରାନ୍ ମଧ୍ୟରେ କାତାର୍‌ର ଦୋହାଠାରେ ବୈଠକ ଅନୁଷ୍ଠିତ ହେବାକୁ ଯାଉଛି।

ତେବେ ଏଠାରେ ପ୍ରଶ୍ନ ଉଠୁଛି କି, ଜୁନ୍ ୧୭ ତାରିଖରେ ଫ୍ରାନ୍ସର ଐତିହାସିକ ଭର୍ସାଲିସ୍ ଦୁର୍ଗଠାରେ ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ଶାନ୍ତି ଚୁକ୍ତି ଫଳପ୍ରଦ ହେବ ନା, ଏହା ଏକ ସାମୟିକ ଶାନ୍ତିର ବିରତି ଭାବରେ କାର୍ଯ୍ୟ କରି ପୁଣିଥରେ ଯୁଦ୍ଧକୁ ବାଟ କଢ଼ାଇ ନେବ ?

ପ୍ରଥମେ ଆମକୁ ଏହା ସ୍ୱୀକାର କରିବାକୁ ପଡ଼ିବ କି, ଆମେରିକା ଓ ଇସ୍ରାଏଲ ମିଳିତ ଭାବରେ ନା ଇରାନକୁ ସମ୍ପୂର୍ଣ୍ଣ ଭାବରେ ପରାସ୍ତ କରିପାରିଲେ ନା, ସେଠାରେ କ୍ଷମତାର ବା ସତ୍ତାର ପରିବର୍ତ୍ତନ ଆଣିପାରିଲେ, ଯଦିଓ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲ୍ଲୀ ଖାମିନୀଙ୍କର ମୃତ୍ୟୁ ଘଟିଲା, ଫେବୃୟାରୀ ଅଠେଇଶି ତାରିଖରେ ଇସ୍ରାଏଲୀ ବିମାନ ଆକ୍ରମଣ ଦ୍ୱାରା।

ଦ୍ୱିତୀୟରେ ଚୁକ୍ତି ଅନୁଯାୟୀ ଷ୍ଟ୍ରେଟ୍ ଅଫ୍ ହୋରମୁଜ୍‌କୁ ୩୦ ଦିନ ପାଇଁ ଖୋଲାଯିବ। ଏହି ସମୟସୀମା ଭିତରେ ଇରାନ ହୋରମୁଜ୍‌ର ମୁଖ୍ୟ ପରିବହନ ମାର୍ଗରେ ବିଛାଇଥିବା ମାଇନ୍‌ସ୍‌କୁ ଅପସାରଣ କରିବ ଓ ଆମେରିକା ମଧ୍ୟ ସେଠାରେ ନିଜର ଅବରୋଧ ବ୍ୟବସ୍ଥାକୁ ହଟାଇବ।

ତେହେରାନ୍‌ର ପରମାଣୁ କାର୍ଯ୍ୟକ୍ରମକୁ ନେଇ ଆମେରିକାର ଚିନ୍ତା ଯଦିଓ ଅବ୍ୟାହତ ରହିଛି, ଏହି ପ୍ରସଙ୍ଗକୁ ସମ୍ପୂର୍ଣ୍ଣ ସମାପ୍ତ କରିବା ଓ କୌଣସି ନିର୍ଣ୍ଣାୟକ ସମାଧାନରେ ପହଞ୍ଚିବା ପାଇଁ ଷାଠିଏ ଦିନ ସମୟସୀମା ଧାର୍ଯ୍ୟ କରାଯାଇଅଛି। ବାଲିଷ୍ଟିକ୍ ମିସାଇଲ ରଖିବା ପାଇଁ ଏ ମଧ୍ୟରେ ଇରାନକୁ ଅନୁମତି ମିଳିଛି, କାରଣ ଟ୍ରମ୍ପଙ୍କ ବିଚାର ଅନୁଯାୟୀ ଯଦି ଅନ୍ୟ ଦେଶ ଯେପରିକି ସାଉଦି ଆରବ ଓ କାତାର ଆଦି ବାଲିଷ୍ଟିକ୍ ରଖିପାରୁଛନ୍ତି, ତେବେ ଇରାନ୍ କାହିଁକି ନୁହେଁ ?

ଗୁରୁତ୍ୱପୂର୍ଣ୍ଣ ଏହା ଯେ ଆମେରିକା, ଇରାନକୁ ପାଖାପାଖି ତିନିଶହ ବିଲିଅନ୍ ଡଲାର ଅର୍ଥ ସହାୟତା କରିବା ପାଇଁ ଘୋଷଣା କରିଛି। ପ୍ରଦାନ କରାଯାଉଥିବା ଅର୍ଥ ଯୁଦ୍ଧ ବିପର୍ଯ୍ୟସ୍ତ ଇରାନର ପୁନଃନିର୍ମାଣରେ ବିନିଯୋଗ କରାଯିବ। ଫ୍ରାନ୍ସରେ ଚାଲିଥିବା ଜି-୩ ଶିଖର ସମ୍ମିଳନୀ ମଧ୍ୟରେ ଆମେରିକାର ଗୁପ୍ତଚର ସଂସ୍ଥା ତରଫରୁ ଏକ ଚାଞ୍ଚଲ୍ୟକର ରିପୋର୍ଟ ପ୍ରକାଶ ପାଇଥିଲା। ଏହି ରିପୋର୍ଟ ଅନୁସାରେ ତୈଳ ପରିବହନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମାର୍ଗ, ହୋର୍ମୁଜ୍‌କୁ ଇରାନ୍ ଯଦି ସମ୍ପୂର୍ଣ୍ଣ ବନ୍ଦ କରିଦିଏ, ତେବେ ଏହାର ଫଳାଫଳ ଗୋଟିଏ ପରମାଣୁ ବୋମାଠାରୁ ମଧ୍ୟ ଅଧିକ ବିପଜ୍ଜନକ ହେବ। ଏହାକୁ ବିଶ୍ଳେଷକମାନେ ଇରାନର "ଆର୍ଥିକ ପରମାଣୁ ଅସ୍ତ୍ର" ବୋଲି କହିଛନ୍ତି। ଉପରୋକ୍ତ ରିପୋର୍ଟଟି ଆହୁରି ମଧ୍ୟ ଦର୍ଶାଇଛି ଯେ, ସାମ୍ପ୍ରତିକ ସଂଘର୍ଷ ସତ୍ତ୍ୱେ, ଇରାନର ସାମରିକ ଶକ୍ତି ଦୁର୍ବଳ ହୋଇନାହିଁ ବରଂ ଏହା ଆହୁରି ଅଧିକ ବୃଦ୍ଧି ପାଇଛି। ଭବିଷ୍ୟତ ନିମନ୍ତେ ତେହେରାନ୍ ବିପୁଳ ପରିମାଣର କ୍ଷେପଣାସ୍ତ୍ର, ଅତ୍ୟାଧୁନିକ ଡ୍ରୋନ୍ ଆଦି ମହଜୁଦ୍ କରି ରଖିଛି।

ତେଣୁ ହୋର୍ମୁଜ୍ ଉପରେ ଏହାର ନିୟନ୍ତ୍ରଣ, ନିଜର ଶକ୍ତିଶାଳୀ ବାଲିଷ୍ଟିକ ମିସାଇଲ ଓ ଆନ୍ତର୍ଜାତିକ ତୈଳ ବଜାରକୁ ଅବାରିତ ପ୍ରତ୍ୟାବର୍ତ୍ତନ ଆଦି ବର୍ତ୍ତମାନ ସମୟରେ ଇରାନକୁ ସବୁଠାରୁ ଶକ୍ତିଶାଳୀ ପଶ୍ଚିମ ଏସୀୟ ରାଷ୍ଟ୍ରରେ ପରିଣତ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ମଧ୍ୟ ଇଙ୍ଗିତ କରୁଛି କି ମାସାଧିକ କାଳ ଧ୍ୱଂସଲୀଳା ଓ ବୈଶ୍ୱିକ ଅର୍ଥନୀତିକୁ ରସାତଳକୁ ନେବା ପରେ, ମଧ୍ୟପ୍ରାଚ୍ୟ ସଂଗ୍ରାମ ହେଉଛି ଟ୍ରମ୍ପଙ୍କ ରାଷ୍ଟ୍ରପତିତ୍ୱର ସବୁଠାରୁ ବୃହତ୍ ବୈଦେଶିକନୀତି ସମ୍ପର୍କିତ ବିଫଳତା।

ଏହି ବିଫଳତା ପରବର୍ତ୍ତୀ ସମୟରେ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକାର କୂଟନୀତି ପ୍ରତି ନିହାତି ଭାବରେ ଯେ ଗମ୍ଭୀର ସମସ୍ୟା ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ। ଇରାନ ପରି ଦୁର୍ବଳ ରାଷ୍ଟ୍ର ବିରୋଧରେ ବିପୁଳ ବିଜୟ ହାସଲ କରିବାରେ ଆମେରିକାର ଅସାମର୍ଥ୍ୟ, ମଧ୍ୟପ୍ରାଚ୍ୟର ଅନ୍ୟ ରାଷ୍ଟ୍ରମାନଙ୍କର ଦୃଷ୍ଟିରେ ଏହାର ସ୍ଥାନକୁ ନିମ୍ନଗାମୀ କରିଛି। ଏହାଦ୍ୱାରା ଅନ୍ୟଦେଶମାନଙ୍କର ଆମେରିକା ଉପରେ ନିର୍ଭରଶୀଳତା ଆସନ୍ତା ସମୟରେ ହ୍ରାସ ପାଇବ। ଟ୍ରମ୍ପ ଏହି ଯୁଦ୍ଧରେ ନିଜର ମୁଖ୍ୟ ସହଯୋଗୀ ଇସ୍ରାଏଲ ସହ ମଧ୍ୟ ବିଶ୍ୱାସଘାତକତା କରିବା ରାସ୍ତାରେ ଅଛନ୍ତି। ସେ ତେଲ୍ ଅଭିଭ୍ ଉପରେ ଏଇଥିପାଇଁ ଚାପ ପ୍ରୟୋଗ କରିଥିଲେ କି, ନେତ୍ୟାନାହୁ ଲେବାନନ୍‌ର ଆତଙ୍କବାଦୀ ଗୋଷ୍ଠୀ ହେଜ୍‌ବୁଲ୍ଲା ଉପରେ ଆକ୍ରମଣ ବନ୍ଦ କରନ୍ତୁ। ଇସ୍ରାଏଲ୍‌ରେ ଆଗାମୀ ଅକ୍ଟୋବରରେ ହେବାକୁ ଯାଉଥିବା ନିର୍ବାଚନରେ ଇରାନ ଯୁଦ୍ଧର ବିଫଳତା ନେତ୍ୟାନାହୁଙ୍କୁ ମହଙ୍ଗା ପଡ଼ିପାରେ।

ଏହା ମଧ୍ୟରେ ଇସ୍ରାଏଲର ନାଗରିକମାନେ ପ୍ରଶ୍ନ ଉଠାଇଛନ୍ତି କି, ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ କରିବା ନେଇ ଇରାନ୍‌ର ପ୍ରତିଶ୍ରୁତିକୁ କେତେ ଦୂର ବିଶ୍ୱାସ କରାଯାଇପାରିବ, ଯେବେ କି ଏହି ହେତୁ ହିଁ ଆମେରିକା ଅତୀତରେ ଇରାନ୍ ଉପରେ ଲଗାଇଥିବା ବିଭିନ୍ନ ଅର୍ଥନୈତିକ କଟକଣାକୁ ଏ ମଧ୍ୟରେ ପ୍ରତ୍ୟାହାର କରି ସାରିଲାଣି। ଏହି ଶାନ୍ତି ଚୁକ୍ତିର ସିଧାସଳଖ ପ୍ରଭାବ ଆନ୍ତର୍ଜାତିକ ସ୍ତରରେ ତୈଳଦର ଉପରେ ପଡ଼ିଛି। ତେବେ ଦେଖିବାର କଥା ହେଉଛି କି ତୈଳଦର ଯୁଦ୍ଧ ପୂର୍ବରୁ ଯେତିକି ଥିଲା, ସେତିକିରେ ପହଞ୍ଚିଛି ନା ନାହିଁ।

ଏହି ଯୁଦ୍ଧରେ ଗୋଟିଏ ଉଲ୍ଲେଖନୀୟ କଥା ଦେଖିବାକୁ ମିଳିଲା। ତାହା ହେଉଛି ପ୍ରଥମ ଥର ପାଇଁ ଇସ୍ରାଏଲ ପରି ଇରାନ ମଧ୍ୟ ଏହାର ସୀମା ବାହାରକୁ ମିଶାଇଲ ଆକ୍ରମଣ କରିବା। ଇସ୍ରାଏଲର ହେଜ୍‌ବୋଲ୍ଲା ଟାର୍ଗେଟ ଉପରେ ଆକ୍ରମଣର ଜବାବ୍ ଦେବାକୁ ଯାଇ ଇରାନ୍ ଏପରି ପଦକ୍ଷେପ ନେଇଛି। ଆଗାମୀ ସମୟରେ ଇରାନ ଇସ୍ରାଏଲ ସମ୍ପର୍କରେ ଏହି ମିଶାଇଲ ପ୍ରସଙ୍ଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଏହି ତଥାକଥିତ ଶାନ୍ତିଚୁକ୍ତି, ସେଇ ଆମେରିକୀୟମାନଙ୍କ ସକାଶେ ମଧ୍ୟ ଧକ୍କା ସଦୃଶ ହୋଇଛି ଯେଉଁମାନେ ଏହି ଯୁଦ୍ଧକୁ ଆରମ୍ଭରୁ ସମର୍ଥନ କରି ଆସୁଥିଲେ। ଏମାନଙ୍କ ମଧ୍ୟରେ ଟ୍ରମ୍ପଙ୍କର ମାଗା (Make Aamerica Great Again) ସମର୍ଥକ ଗୋଷ୍ଠୀ ଅନ୍ୟତମ, ଯେଉଁମାନଙ୍କର ମତ ଅନୁସାରେ ବିଗତ ୪୭ବର୍ଷ ଧରି ଆମେରିକା ବିରୋଧରେ ଦଣ୍ଡାୟମାନ ଇରାନ୍ ବର୍ତ୍ତମାନ ଦେଶର ସୁରକ୍ଷା କ୍ଷେତ୍ରରେ ସବୁଠାରୁ ବଡ଼ ବିପଦରେ ପରିଣତ ହୋଇଛି। ସେମାନଙ୍କର ଏହି ଭୟକୁ ଯୁଦ୍ଧ ବିରାମ ନା ସମାପ୍ତ କରିଛି ନା ହ୍ରାସ କରିଛି ବରଂ ଇରାନର ପରମାଣୁ କାର୍ଯ୍ୟକ୍ରମର ଭବିଷ୍ୟତ ବର୍ତ୍ତମାନ ସମୟରେ ଅନିଶ୍ଚିତତାର ଘେରରେ। ଏହା ମଧ୍ୟ ହୋଇପାରେ କି ଇରାନ୍ ପରମାଣୁ ପ୍ରସଙ୍ଗରେ କଥାବାର୍ତ୍ତାକୁ ବିଳମ୍ବିତ କରାଇବ, ଯେଉଁ ପର୍ଯ୍ୟନ୍ତ ଟ୍ରମ୍ପ ପଦରୁ ହଟି ନାହାନ୍ତି।

ଯଦି ଇରାନ୍‌କୁ ହୋର୍ମୁଜ୍ ଦେଇ ଯାଉଥିବା ଜାହାଜମାନଙ୍କଠାରୁ ଶୁଳ୍କ ଆଦାୟ କରିବା ପାଇଁ ଅନୁମତି ଦିଆଯାଏ, ତାହାହେଲେ ଟ୍ରମ୍ପ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକା ଓ ଏହାର ସହଯୋଗୀ ରାଷ୍ଟ୍ରର ପ୍ରଭାବକୁ କ୍ଷୁର୍ଣ୍ଣ କରିବା ପଥରେ ଅଗ୍ରସର ହେବେ। ଆହୁରି ମଧ୍ୟ ସଂପୃକ୍ତ ଅଞ୍ଚଳରେ ଇରାନର ଆର୍ଥିକ ଓ ରଣନୈତିକ ସାମର୍ଥ୍ୟରେ ବୃଦ୍ଧି ଘଟିବ ଯାହାକି ଯୁଦ୍ଧ ପୂର୍ବରୁ ତାହା ପାଖରେ ନଥିଲା। ଯଦି ଭବିଷ୍ୟତରେ ଶାନ୍ତି ଆଲୋଚନା ବିଫଳ ହୁଏ ଓ ଇରାନ ହୋରମୁଜ୍‌କୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଏ, ତାହାହେଲେ ବିଭିନ୍ନ ଦେଶ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭର କରିବା ହ୍ରାସ କରି ଚୀନ୍ ପ୍ରସ୍ତୁତ ସୋଲାର ପ୍ୟାନେଲ୍, ବୈଦ୍ୟୁତିକ ବାହନର ବହୁଳ ବ୍ୟବହାର କରିବାକୁ ବାଧ୍ୟ ହେବେ। ଏହାର ଅର୍ଥ ହେବ କି, ଗୋଟିଏ ନିର୍ଭରଶୀଳତାକୁ ତ୍ୟାଗ କରି ଆଉ ଗୋଟିଏ ନିର୍ଭରଶୀଳତାକୁ ଆପଣାଇବା। ବିଗତ ବର୍ଷ ରେୟାର୍ ଆର୍ଥ ମିନେରାଲ୍‌ସର ରପ୍ତାନୀ ଉପରେ ଚୀନ ଲଗାଇଥିବା ପ୍ରତିବନ୍ଧକ ସମଗ୍ର ବିଶ୍ୱକୁ ଦେଖାଇଦେଇଥିଲା କି, ବୈଶ୍ୱିକ ଆମଦାନୀ-ରପ୍ତାନୀ ବ୍ୟବସ୍ଥାରେ ବିଭିନ୍ନ ଚୋକ୍‌ପଏଣ୍ଟ (ସ୍ଥାନ ବିଶେଷ)ର ଭୂମିକା କେତେ ଗୁରୁତ୍ୱପୂର୍ଣ୍ଣ। ଇରାନ ମଧ୍ୟ ପ୍ରମାଣିତ କରିଦେଲା କି ହୋର୍ମୁଜକୁ ବନ୍ଦ କରି, ବିଶ୍ୱର ସବୁଠାରୁ ଶକ୍ତିଶାଳୀ ସୈନ୍ୟ ବ୍ୟବସ୍ଥାକୁ ପଛକୁ ହଟିବା ପାଇଁ ସେ ବାଧ୍ୟ କରିପାରିଲା। ଯେଉଁ ଦେଶମାନଙ୍କର ଗୁରୁତ୍ୱପୂର୍ଣ୍ଣ ପରିବହନ ମାର୍ଗ ଉପରେ ନିୟନ୍ତ୍ରଣ ଅଛି, ସେମାନେ ଇରାନ ଭଳି ସଂପୃକ୍ତ ମାର୍ଗକୁ ବନ୍ଦ କରି ଭବିଷ୍ୟତରେ ନିଜର ସ୍ୱାର୍ଥ ସିଦ୍ଧି କରିପାରନ୍ତି ଏବଂ ଅତୀତରେ ମଧ୍ୟ ଏହା ହୋଇ ଆସିଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସାମୁଦ୍ରିକ ବାଣିଜ୍ୟ ଅବାରିତ ଓ ବାଧାହୀନ ଭାବରେ ହେବାର ମୁଖ୍ୟ କାରଣ ହେଉଛି ଯୁକ୍ତରାଷ୍ଟ୍ରର ନୌବାହିନୀ ଜନିତ ସୁରକ୍ଷା ପ୍ରଦାନ। ମଧ୍ୟପ୍ରାଚ୍ୟ ସଙ୍କଟ ପରେ କିନ୍ତୁ ଆମେରିକାର ଶକ୍ତି ଓ ସାମର୍ଥ୍ୟ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟ ଅତୀତରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଏକ ବିବୃତି ଦେଇଥିଲେ କି, ପୂର୍ବ ଏସିଆର ସତୁରୀ ପ୍ରତିଶତ ଶକ୍ତି ଆବଶ୍ୟକତା ତାଙ୍କ ଦେଶର ନିୟନ୍ତ୍ରଣରେ ଥିବା ମଲକ୍‌କା ଷ୍ଟ୍ରେଟ୍ ଦେଇ ପରିବାହିତ ହେଉଛି। ଯଦିଓ ସେ ଏଭଳି ବିବୃତି ଦେବାର କିଛି ସମୟ ପରେ ଇଣ୍ଡୋନେସିଆର ବାଣିଜ୍ୟ ମନ୍ତ୍ରାଳୟ ଏହା ସ୍ପଷ୍ଟ କରିଥିଲା କି ମଲକ୍‌କାରେ ଶୁଳ୍କ ଆଦାୟ କରିବା ପାଇଁ କୌଣସି ଯୋଜନା ନାହିଁ, ରାଷ୍ଟ୍ରପତିଙ୍କ ବିବୃତିକୁ କିନ୍ତୁ ହାଲୁକା ଭାବରେ ନେଇହେବ ନାହିଁ। ଏହି ଧାରାରେ ଆଗକୁ ଚୀନ, ତାଇୱାନ୍ ପାର୍ଶ୍ୱରେ ବାଣିଜ୍ୟିକ ଜାହାଜର ନିୟନ୍ତ୍ରଣ ଓ ରୁଷ୍ ସାମୁଦ୍ରିକ ଇଣ୍ଟରନେଟ୍ କେବୁଲକୁ ନିୟନ୍ତ୍ରଣ କରି ବୈଶ୍ୱିକ ବାଣିଜ୍ୟ ପାଇଁ ବିଷମ ସମସ୍ୟା ସୃଷ୍ଟି କରିପାରନ୍ତି।

ପରିଶେଷରେ ଏତିକି ଉଲ୍ଲେଖ କରିବି ଯେ ମଧ୍ୟପ୍ରାଚ୍ୟ ସଙ୍କଟର ଫଳାଫଳ ଯାହା ହେଉ ନା କାହିଁକି, ବିଶ୍ୱବାଣିଜ୍ୟ ଉପରେ ଏହାର ପ୍ରଭାବ ସୁଦୂରପ୍ରସାରୀ ଓ ବାଣିଜ୍ୟ ବ୍ୟବସ୍ଥା ଯୁଦ୍ଧ ପୂର୍ବବର୍ତ୍ତୀ ସ୍ୱାଭାବିକ ଅବସ୍ଥାକୁ ଫେରିବାର ସମ୍ଭାବନା ଅତ୍ୟନ୍ତ କମ୍।

ମେଡିକାଲ ଅଫିସର
ଓଡ଼ିଶା ସ୍ୱାସ୍ଥ୍ୟ ସେବା,ଭୁବନେଶ୍ୱର
ମୋବାଇଲ ନଂ- ୮୧୪୪୦୪୨୯୯୭



ରାଜ୍ୟରେ ବାମପନ୍ଥୀ ଉଗ୍ରବାଦଦମନ ଏବଂ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା କ୍ଷେତ୍ରରେ ଓଡ଼ିଶା ପୋଲିସର ଉଲ୍ଲେଖନୀୟ ସଫଳତା ନିମନ୍ତେ ମାନ୍ୟବର କେନ୍ଦ୍ର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହଙ୍କ ପ୍ରଦତ୍ତ ସ୍ୱତନ୍ତ୍ର ପ୍ରଶଂସା ପତ୍ରକୁ ଲୋକସେବା ଭବନଠାରେ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ, ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରଦର୍ଶିତ କରିଛନ୍ତି।

## ମଦ ବିକ୍ରିକୁ ନେଇ ମହିଳାଙ୍କ ମହାମେଳି

ନନ୍ଦାହାଣ୍ଡି: ନବରଙ୍ଗପୁର ଜିଲ୍ଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟି ଗ୍ରାମରେ ମଦ ବିରୋଧୀ ଅଭିଯାନ ଜୋର ଧରିଛି। ମଦ ବନ୍ଦ ଦାବିରେ ଶହ ଶହ ମହିଳା ମେଳି ହୋଇ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ବୈଠକ କରିଥିଲେ । ବୈଠକରେ ଆଲୋଚନା ପରେ ମେଳି ହୋଇ ହାତରେ ଲାଠି ଧରି ଗାଁ ପରିକ୍ରମା କରି ଧଣ୍ଡରା ଗ୍ରାମପଞ୍ଚାୟତର ପଥରଲସା ଗ୍ରାମରେ ମଧ୍ୟ ପରିକ୍ରମା କରିଥିଲେ । ବେଆଇନ ମଦ ବନ୍ଦ କରିବାକୁ ସ୍ଲୋଗାନ ଦେବା ସହ ସରକାରଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଥିଲେ। ଆନ୍ଦୋଳନରେ ସାମିଲ ମହିଳାମାନେ କହିଛନ୍ତି ଯେ, ମଦ ଯୋଗୁଁ ଅନେକ ପରିବାର ଉଜୁଡ଼ି ଯାଉଛି। ଘରୋଇ ହିଂସା ଆର୍ଥିକ ସଙ୍କଟ ଓ ସାମାଜିକ ଅବକ୍ଷୟ ବଢୁଥିବା ବେଳେ ଯୁବପିଢ଼ି ଓ ଛୋଟ ପିଲାମାନେ ମଧ୍ୟ ନିଶା କବଳକୁ ଯାଉଥିବାରୁ ସମାଜ ପାଇଁ ଏହା ଗୁରୁତର ବିପଦ ସୃଷ୍ଟି କରୁଛି। କାର୍ଯ୍ୟକ୍ରମରେ ନବରଙ୍ଗପୁରର "ମାତୃ ଆଶ୍ରୟ ଆଶ୍ରମ'ରଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ଯୋଗଦେଇ ମଦ ବନ୍ଦ ପାଇଁ ସରକାରଙ୍କୁ ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ ।

# ବିଜେପି କ୍ଷମତା ବଳରେ ଜନତାଙ୍କ ସ୍ୱରକୁ ଚାପିବାକୁ ଉଦ୍ୟମ କରୁଛି: ବିଜେଡି

ଭୁବନେଶ୍ୱର: ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ଜନସାଧାରଣଙ୍କ ସମାଲୋଚନାର ଶିକାର ହେଉଛି ବିଜେପି ସରକାର । ସୋସିଆଲ ମିଡିଆରେ ବିଜେପି ବିରୁଦ୍ଧରେ ମତ ପ୍ରକାଶ କରୁଥିବା ଲୋକଙ୍କୁ ବିଜେପି ଆକ୍ରୋଶର ଶିକାର ହେବାକୁ ପଡୁଛି । ଯାହାକୁ ନେଇ ସରକାରକୁ କଡା ସମାଲୋଚନା କରିଛି ବିଜେଡି ।

ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ଶ୍ରୀ ପ୍ରତାପ ଜେନା, ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ପ୍ରଣବ ବଳବନ୍ତରାୟ ଓ ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ ଲେଲିନ ମହାନ୍ତି ବିଜେପି ସରକାରର ଏହି ହୀନ କାର୍ଯ୍ୟକୁ କଡା ନିନ୍ଦା କରିଛନ୍ତି । ଶ୍ରୀ ପ୍ରତାପ ଜେନା କହିଥିଲେ ଯେ, ତ୍ରୁଟିପୂର୍ଣ୍ଣ କାର୍ଯ୍ୟ ପାଇଁ ସୋସିଆଲ ମିଡିଆରେ ଲୋକଙ୍କ ଦ୍ୱାରା ସମାଲୋଚିତ ହେଉଛି ବିଜେପି ସରକାର । ସୋସିଆଲ ମିଡିଆରେ ଯିଏ ବିଜେପି ସରକାରକୁ ସମର୍ଥନ କରୁଛି, ତାଙ୍କ ପାଇଁ ଅନ୍ୟ ଆଇନ ବ୍ୟବସ୍ଥା ରହୁଛି । ଯେଉଁମାନେ ସୋସିଆଲ ମିଡିଆରେ ବିଜେପି ବିରୁଦ୍ଧରେ ମତପ୍ରକାଶ କରୁଛନ୍ତି, ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେଉଛି । ସେମାନଙ୍କୁ ଗିରଫ କରିବା ସହ ଥାନାକୁ ଡାକି ଭୟଭୀତ କରାଯାଉଛି । ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦିଆଯାଉଛି । କିଛି ଲେଖିଲେ ବ୍ୟକ୍ତିବିଶେଷଙ୍କ ସୋସିଆଲ ମିଡିଆ ଆଇଡି ବନ୍ଦ କରିଦିଆଯାଉଛି । ସରକାର ଜନତାଙ୍କ ସ୍ୱରକୁ ଚାପି ଦେବାକୁ ଉଦ୍ୟମ କରୁଛନ୍ତି । ରାଜ୍ୟସଭା ସାଂସଦ ଶ୍ରୀମତୀ ସୁଲତା ଦେଓ ଓ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ ସୋସିଆଲ ମିଡିଆରେ ବିଜେପି ସରକାର ବିରୁଦ୍ଧରେ ଲେଖିବାରୁ ତାଙ୍କ ଆଇଡିକୁ ବନ୍ଦ କରିଦିଆଯାଇଛି । ସୋସିଆଲ ମିଡିଆରେ ବିଜେଡିର ପ୍ରଚାର ପ୍ରସାର କରୁଥିବା ଆଇଡିକୁ ମଧ୍ୟ ବିଜେପି ସରକାର ଜାଣିଶୁଣି ବନ୍ଦ କରିଦେଉଛି । ବିଜେପି ଆଇଟି ସେଲ୍ ପକ୍ଷରୁ ଅନେକ ବ୍ୟକ୍ତି ବିଶେଷଙ୍କ ଚରିତ୍ର ସଂହାର କରାଯାଉଛି । କିନ୍ତୁ ସରକାର ତାଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ଇପ୍ସୀତା ସାହୁଙ୍କ ନାମରେ ସୋସିଆଲ ମିଡିଆରେ ଯେଉଁପରି ଭାବେ କଦର୍ଯ୍ୟ ବ୍ୟବହାର କରାଯାଉଛି, ତାହା ଅତ୍ୟନ୍ତ ନିନ୍ଦନୀୟ । ସରକାରଙ୍କ ଅପାରଗତା ପାଇଁ ପାଠ୍ୟପୁସ୍ତକରେ ବିରାଟ ତ୍ରୁଟି ହେଲା । ସେହି ତ୍ରୁଟିକୁ ନେଇ ସରକାର ବିରୁଦ୍ଧରେ ସୋସିଆଲ ମିଡିଆରେ ଯିଏ ଟୀକାଟିପ୍ପଣୀ ଦେଉଛି, ସିଏ ଆକ୍ରୋଶର ଶିକାର ହେଉଛି । ବିଜେପି ସରକାରଙ୍କୁ ବିରୋଧ କରିବାରୁ କଟକର ବିଶ୍ୱଜିତ ସାହୁଙ୍କୁ ଟାର୍ଗେଟ କରି ଗିରଫ କରାଯାଇଛି । ଯେଉଁପରି ଭାବେ ତାଙ୍କୁ ଗିରଫ କରାଯାଇଛି, ସେହିପରି ଅନ୍ୟ ଦଳର ନେତାଙ୍କ ଚରିତ୍ର ସଂହାର କରୁଥିବା ଲୋକଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯାଉ ।

ଶ୍ରୀ ପ୍ରଣବ ବଳବନ୍ତରାୟ କହିଥିଲେ ଯେ, ବିଜେପି ସରକାର ଲୋକଙ୍କ ସରକାର କହୁଛନ୍ତି, କିନ୍ତୁ ଲୋକଙ୍କ ଦୁଃଖ ଶୁଣୁନାହାନ୍ତି । ଡବଲ ଇଞ୍ଜିନ ସରକାରଙ୍କୁ ସମାଲୋଚନା କରିଲେ ଆକ୍ରୋଶର ଶୀକାର ହେବାକୁ ପଡୁଛି । ଲୋକେ ଅନେକ ସମସ୍ୟାରେ ପଡୁଥିବା ବେଳେ ସୋସିଆଲ ମିଡିଆରେ ସମସ୍ୟାକୁ ଉପସ୍ଥାପନ କରିଲେ ଆକ୍ରୋଶ ମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି, ଯାହାକି ଆଦୌ ଗ୍ରହଣୀୟ ନୁହେଁ । ଆଇନ ସମସ୍ତଙ୍କ ପାଇଁ ଗୋଟିଏ ପ୍ରକାର ଥିବାବେଳେ ତାହା କିନ୍ତୁ ପ୍ରକୃତରେ କାର୍ଯ୍ୟକାରୀ ହେଉନାହିଁ । ମୁଖ୍ୟମନ୍ତ୍ରୀଙ୍କ ବିରୁଦ୍ଧରେ ଯଦି କେହି କହିଲେ ପଦକ୍ଷେପ ଗ୍ରହଣ କରାଯାଉଛି, କିନ୍ତୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୁଦ୍ଧରେ ସୋସିଆଲ ମିଡିଆରେ କହିଲେ ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ତ୍ରୁଟିପୂର୍ଣ୍ଣ ବହି ପ୍ରକାଶ କରିବା, ଭତ୍ତା ଟଙ୍କା ଦେବାରେ ବିଳମ୍ବ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି, ପଖାଳ ଦିବସରେ ସରକାରୀ ଟଙ୍କାର ଅପବ୍ୟବହାର କରିବା ଆଦି ଘଟଣା ସର୍ବସମ୍ମୁଖକୁ ଆଣିଲେ ବିଜେପି ସରକାର ଆକ୍ରୋଶ ମୂଳକ ପଦକ୍ଷେପ ଗ୍ରହଣ କରୁଛନ୍ତି ।

# ଏଲ୍‌ନିନୋ ଚିନ୍ତା: ସମ୍ଭାବ୍ୟ ପ୍ରଭାବକୁ ନିୟନ୍ତ୍ରଣରେ ରଖିବା ସହ ରାଜ୍ୟଗୁଡ଼ିକରେ ପର୍ଯ୍ୟାପ୍ତ କୃଷି ଓ ଖାଦ୍ୟ ସାମଗ୍ରୀ ମହଜୁଦ ପାଇଁ ପରାମର୍ଶ

ନୂଆଦିଲ୍ଲୀ :ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ସୃଷ୍ଟି ହୋଇଥିବା ଏଲନିନୋ ପରିସ୍ଥିତି ଭାରତର କୃଷି ଓ ସାଧାରଣ ଉତ୍ପାଦନ ସମେତ ଦେଶର ଖାଦ୍ୟ ଶୃଙ୍ଖଳାକୁ ମଧ୍ୟ ପ୍ରଭାବିତ କରିପାରେ। ଏଣୁ ଏହିଭଳି ପରିସ୍ଥିତିକୁ କିପରି ମୁକାବିଲା କରାଯାଇପାରିବ ସେଥିଲାଗି ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମୀକ୍ଷା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ ସଚିବ ପିକେ ମିଶ୍ର ଏହି ସମୀକ୍ଷା କରିଥିଲେ।

କୃଷି, ଶକ୍ତି, ସମବାୟ, ପାନୀୟ ଜଳ ଓ ପରିମଳ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଅର୍ଥନୈତିକ ବ୍ୟାପାର, ପଶୁପାଳନ, ଗ୍ରାମ୍ୟ ଉନ୍ନୟନ, ପୃଥିବୀ ବିଜ୍ଞାନ, କୃଷି ଗବେଷଣା ଓ ଶିକ୍ଷା, ଭାରତୀୟ ପାଣିପାଗ ବିଭାଗ, ସୂଚନା ଓ ପ୍ରସାରଣ, ଗ୍ରାହକ ବ୍ୟାପାର, ଆର୍ଥିକ ସେବା, ସାର ଏବଂ କେନ୍ଦ୍ରୀୟ ଜଳ ଆୟୋଗ ସମେତ ପନ୍ଦରରୁ ଅଧିକ ମନ୍ତ୍ରଣାଳୟର ସଚିବ ଏବଂ ବରିଷ୍ଠ ଅଧିକାରୀମାନେ ଏ ସମୟରେ ଉପସ୍ଥିତ ରହି ଆବଶ୍ୟକ ମତ ଉପସ୍ଥାପନ କରିଥିଲେ।

ଆରମ୍ଭରୁ, ଆଇଏମଡିର ଅଧିକାରୀମାନେ ଜୁନ୍ ମାସରେ ଏବଂ ୭ ଜୁଲାଇ ପର୍ଯ୍ୟନ୍ତ ସାମଗ୍ରିକ ବର୍ଷା ପରିସ୍ଥିତି ଉପସ୍ଥାପନ କରିଥିଲେ। ଆଇଏମଡି ମହାନିର୍ଦ୍ଦେଶକ ଦେଶରେ ମୌସୁମୀ ବାୟୁର ସ୍ଥିତି ଏବଂ ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବ ବିଷୟରେ ସଦ୍ୟତମ ସୂଚନା ପ୍ରଦାନ କରିଥିଲେ। ଗୁଜରାଟ, ମଧ୍ୟପ୍ରଦେଶ, ଛତିଶଗଡ ଏବଂ ମହାରାଷ୍ଟ୍ରରେ ମୌସୁମୀ ଆଗମନରେ ପ୍ରାୟ ୧୦ ଦିନ ବିଳମ୍ବ ହୋଇଥିଲା। ତେବେ ଜୁଲାଇ ୭ ତାରିଖ ପର୍ଯ୍ୟନ୍ତ ହୋଇଥିବା ବର୍ଷା ସହିତ, ସମଗ୍ର ଭାରତରେ ବର୍ଷାର ନିଅଣ୍ଟିଆ ସ୍ଥିତି ହ୍ରାସ ପାଇ -୧୨% କୁ ଚାଲିଆସିଛି। ଜୁଲାଇର ପ୍ରଥମ ସପ୍ତାହରେ ସ୍ୱାଭାବିକଠାରୁ ଅଧିକ ମୌସୁମୀ ବର୍ଷା ଦେଖାଯାଇଛି। ଜୁଲାଇ ଏବଂ ଅଗଷ୍ଟରେ ଦୁର୍ବଳରୁ ମଧ୍ୟମ ଧରଣର ଏଲ୍ ନିନୋ ଆଶା କରାଯାଉଛି। ଏହି ପରିସ୍ଥିତିକୁ କ୍ରମାଗତ ଭାବେ ଅନୁଧ୍ୟାନ କରାଯାଉଛି କାରଣ ଜୁଲାଇ ମାସରେ ମୌସୁମୀ ଋତୁର ୩୦% ରୁ ଅଧିକ ବର୍ଷା ହୋଇଥାଏ। ଏହା ମଧ୍ୟ ସୂଚିତ କରାଯାଇଥିଲା ଯେ ଏଲ୍ ନିନୋ ବର୍ଷରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି କୌଣସି ନିଶ୍ଚିତତା ନାହିଁ।

କେନ୍ଦ୍ର କୃଷି ସଚିବ ଖରିଫ ଋତୁରେ ଏଲ୍ ନିନୋର ସମ୍ଭାବ୍ୟ ପ୍ରଭାବ ପାଇଁ ପ୍ରସ୍ତୁତି ଉପରେ ଏକ ବିସ୍ତୃତ ଉପସ୍ଥାପନା କରିଥିଲେ। ବର୍ଷା, ଜଳାଶୟ ସଂରକ୍ଷଣ, ଫସଲ ବୁଣା, ସାମଗ୍ରୀର ଉପଲବ୍ଧତା, ବଜାର ଟ୍ରେଣ୍ଡ, ଉପୁଜୁଥିବା ପୋକ ଏବଂ ରୋଗ ପରିସ୍ଥିତି ଉପରେ ନଜର ରଖିବା ପାଇଁ ରାଜ୍ୟଗୁଡିକ ସହିତ ମିଶି କ୍ରପ୍ ୱେଦର୍ ୱାଚ୍ ଗ୍ରୁପର ସାପ୍ତାହିକ ବୈଠକ ଡକାଯାଉଛି, ଯାହାଦ୍ୱାରା ସମୟୋଚିତ ନିଷ୍ପତ୍ତି ଗ୍ରହଣ ଏବଂ ଜରୁରୀକାଳୀନ ମୁକାବିଲା ସମ୍ଭବ ହୋଇପାରିବ। ୨୬୨ ଟି ସଂକଟାପନ୍ନ ଜିଲ୍ଲା ପାଇଁ ଜିଲ୍ଲା କୃଷି ଜରୁରୀକାଳୀନ ଯୋଜନାକୁ ଅପଡେଟ୍ କରାଯାଇଛି। ଜିଲ୍ଲାଗୁଡିକରେ ଥିବା କୃଷି ବିଜ୍ଞାନ କେନ୍ଦ୍ରଗୁଡିକ ପାଇଁ ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଦ୍ୱାରା "ଭାରତୀୟ କୃଷିରେ ଏଲ୍ ନିନୋ ବିପଦର ପରିଚାଳନା" ପାଇଁ ମାନକ ପରିଚାଳନା ପଦ୍ଧତି ଜାରି କରାଯାଇଛି। ଏହା ମଧ୍ୟ ଆଲୋକପାତ କରାଯାଇଥିଲା ଯେ ଜଳବାୟୁ ସହନଶୀଳ କିସମ ଏବଂ ପ୍ରଯୁକ୍ତିବିଦ୍ୟା ଯୋଗୁଁ ନିଅଣ୍ଟିଆ ବର୍ଷା ସତ୍ତ୍ୱେ ବର୍ଷ ବର୍ଷ ଧରି ଖାଦ୍ୟଶସ୍ୟ ଉତ୍ପାଦନ ବଜାୟ ରହିଛି।

ସମ୍ପୃକ୍ତ ରାଜ୍ୟଗୁଡିକରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଏବଂ କିସାନ କ୍ରେଡିଟ୍ କାର୍ଡ ଅନ୍ତର୍ଭୁକ୍ତୀକରଣ ପାଇଁ ଅଭିଯାନ ଆରମ୍ଭ କରାଯାଇଛି, ଏବଂ କୃଷି, ଆର୍ଥିକ ସେବା ଓ ସମବାୟ ବିଭାଗକୁ ଏକ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସର୍ବାଧିକ ଅନ୍ତର୍ଭୁକ୍ତୀକରଣ ସୁନିଶ୍ଚିତ କରିବାକୁ ପରାମର୍ଶ ଦିଆଯାଇଛି। ପଶୁପାଳନ ଏବଂ ଦୁଗ୍ଧ ଉତ୍ପାଦନ ବିଭାଗକୁ ମାକ୍ରୋ ଏବଂ ମାଇକ୍ରୋ ଉଭୟ ସ୍ତରରେ ଶୁଖିଲା ନଡା ବା କୁଟା, ସବୁଜ ଘାସ ଏବଂ ଗୋଖାଦ୍ୟର ଉପଲବ୍ଧତା ଆକଳନ କରିବାକୁ କୁହାଯାଇଛି।

ପାନୀୟ ଜଳ ଏବଂ ପରିମଳ ବିଭାଗ ପକ୍ଷରୁ ଜିଲ୍ଲାଗୁଡିକରେ ପରିସ୍ଥିତିର ଅନୁଧ୍ୟାନ ଏବଂ ଆଜି ସୁଦ୍ଧା ସ୍ଥିତି ସ୍ଥିର ଥିବା ବିଷୟରେ ଅବଗତ କରାଯାଇଥିଲା। ଏହି ବିଭାଗ ସଂକଟାପନ୍ନ ଜିଲ୍ଲାଗୁଡିକରେ ତୃଣମୂଳ ସ୍ତରୀୟ ଯୋଜନା ଏବଂ ଅନୁଧ୍ୟାନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜଳ ସମ୍ପଦ ବିଭାଗ ଦେଶରେ ଭୂତଳ ଜଳ ଏବଂ ଜଳାଶୟର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଯଦିଓ ବର୍ତ୍ତମାନ ପରିସ୍ଥିତି ସ୍ଥିର ରହିଛି, ତଥାପି ସମଗ୍ର ଋତୁରେ କ୍ରମାଗତ ନଜର ରଖିବାକୁ ହେବ।

ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗ୍ରୀଷ୍ମ ପ୍ରବାହ (ହୀଟ୍ ୱେଭ୍) ପାଇଁ ପରାମର୍ଶାବଳୀ ଜାରି କରାଯାଇଛି ଏବଂ ଗ୍ରୀଷ୍ମ ପ୍ରବାହ, ଅଧିକ ଆର୍ଦ୍ରତା ଏବଂ ଡେଙ୍ଗୁର ପ୍ରାଦୁର୍ଭାବ ଉଭୟର ଅନୁଧ୍ୟାନ କରାଯାଉଛି। ତୃଣମୂଳ ସ୍ତର ପର୍ଯ୍ୟନ୍ତ ସତର୍କତା ଏବଂ ପରାମର୍ଶଗୁଡିକର ପ୍ରଭାବଶାଳୀ ଯୋଗାଯୋଗ ସୁନିଶ୍ଚିତ କରାଯିବ।

ଖାଉଟି ବ୍ୟାପାର ବିଭାଗ ଖୁଚୁରା ମୂଲ୍ୟର ସ୍ଥିତି ଏବଂ ଚାଉଳ, ଗହମ ଓ ଡାଲି ଜାତୀୟ ଶସ୍ୟର ପର୍ଯ୍ୟାପ୍ତ ବଫର୍ ଷ୍ଟକ୍ ସମ୍ପର୍କରେ ସୂଚନା ଦେଇଛନ୍ତି। ସାର ବିଭାଗ ପର୍ଯ୍ୟାପ୍ତ ଉପଲବ୍ଧତା ଏବଂ ରବି ଋତୁ ପାଇଁ ସମ୍ଭାବ୍ୟ ପ୍ରାରମ୍ଭିକ ବାଲାନ୍ସ ଥିବା ରିପୋର୍ଟ କରିଛି। ଜରୁରୀ ସାମଗ୍ରୀ ଏବଂ ସାରର ମାକ୍ରୋ ଓ ମାଇକ୍ରୋ ଉଭୟ ସ୍ତରର ଉପଲବ୍ଧତାକୁ କ୍ରମାଗତ ଭାବେ ଅନୁଧ୍ୟାନ କରିବା ପାଇଁ ଉଭୟ ବିଭାଗକୁ ପରାମର୍ଶ ଦିଆଯାଇଛି।

ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୁଲାଇ ୧ ରୁ 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଏବଂ ଆଜୀବିକା ମିଶନ' ଅଧୀନରେ ସୂଚନା ଦିଆଯାଇଥିଲା । ଏପର୍ଯ୍ୟନ୍ତ ଗ୍ରାମୀଣ ଭାରତରେ ୧ କୋଟି ଶ୍ରମ ଦିବସ ସୃଷ୍ଟି କରାଯାଇଛି। କୃଷି ଗବେଷଣା ଏବଂ ଶିକ୍ଷା ବିଭାଗ ଜଳବାୟୁ ସହନଶୀଳ ବିହନ କିସମର ପ୍ରସାର ସମ୍ପର୍କରେ ସୂଚନା ଦେଇଥିଲେ। ବିଦ୍ୟୁତ ବିଭାଗ ବିଦ୍ୟୁତ ଉତ୍ପାଦନ ଏବଂ ଉପଲବ୍ଧତାର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ନିର୍ଦ୍ଦେଶ ଦେଇଛନ୍ତି ଯେ ସାମଗ୍ରିକ ପରିସ୍ଥିତିକୁ କ୍ରମାଗତ ଭାବେ ଅନୁଧ୍ୟାନ କରାଯିବା ଉଚିତ ଏବଂ ସଂକଟାପନ୍ନ ଜିଲ୍ଲାଗୁଡିକ ଉପରେ ମୌସୁମୀ ବା ବିଳମ୍ବିତ ମୌସୁମୀର ପ୍ରଭାବକୁ ରାଜ୍ୟଗୁଡିକ ସହ ସମନ୍ୱୟ ରକ୍ଷା କରି ଆକଳନ କରାଯିବା ଆବଶ୍ୟକ, ଯଦ୍ଦ୍ୱାରା ଆବଶ୍ୟକ ସ୍ଥଳେ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ।

ଗୋଖାଦ୍ୟ ବିକାଶ ଯୋଜନା ସହିତ ପର୍ଯ୍ୟାପ୍ତ ଗୋଖାଦ୍ୟ ଉପଲବ୍ଧତା ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନେବାକୁ ଏବଂ ରାଜ୍ୟଗୁଡିକ ସହ ନିୟମିତ ଅନୁଧ୍ୟାନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସଂକଟାପନ୍ନ ଜିଲ୍ଲାଗୁଡିକରେ ପାନୀୟ ଜଳର ପର୍ଯ୍ୟାପ୍ତ ଉପଲବ୍ଧତା ସୁନିଶ୍ଚିତ କରିବା ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ। ସଂକଟାପନ୍ନ ଜିଲ୍ଲାଗୁଡିକରେ ଜଳାଶୟର ଜଳସ୍ତର ନିୟମିତ ନଜରରେ ଥିଲା ଏବଂ ଜଳାଶୟ ଜଳର ସର୍ବୋତ୍ତମ ବ୍ୟବହାର ସୁନିଶ୍ଚିତ କରିବା ଏବଂ ଉପଲବ୍ଧ ଜଳର ବିଜ୍ଞାନସମ୍ମତ ଉପଯୋଗକୁ ପ୍ରୋତ୍ସାହିତ କରିବା ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଦିଆଯାଇଥିଲା।

ଏହା ଉପରେ ଗୁରୁତ୍ୱ ଦିଆଯାଇଥିଲା ଯେ ସମସ୍ୟାଗୁଡିକର ପ୍ରଭାବଶାଳୀ ସମାଧାନ ସୁନିଶ୍ଚିତ କରିବା ପାଇଁ ମନ୍ତ୍ରଣାଳୟଗୁଡିକ ସମନ୍ୱୟ ରକ୍ଷା କରି ଏବଂ ରାଜ୍ୟଗୁଡିକ ସହିତ ମିଶି କାର୍ଯ୍ୟ କରିବା ଆବଶ୍ୟକ।

# ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ଇଣ୍ଡୋନେସିଆ ବିନ୍ତାଙ୍ଗ ଆଦିପୂର୍ଣ୍ଣ'ରେ ସମ୍ମାନିତ ହେଲେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ




ନୂଆଦିଲ୍ଲୀ:ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କୁ ଆଜି ଇଣ୍ଡୋନେସିଆର ସର୍ବୋଚ୍ଚ ନାଗରିକ ସମ୍ମାନ 'ଇଣ୍ଡୋନେସିଆ ବିନ୍ତାଙ୍ଗ ଆଦିପୂର୍ଣ୍ଣ'ରେ ସମ୍ମାନିତ କରାଯାଇଛି । ଇଣ୍ଡୋନେସିଆ ରାଷ୍ଟ୍ରପତି ଶ୍ରୀ ପ୍ରବୋବୋ ସୁବିଆନ୍ତୋ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସମ୍ପର୍କକୁ ମଜବୁତ କରିବାରେ ତାଙ୍କ ନେତୃତ୍ୱ ଏବଂ ଅସାଧାରଣ ଅବଦାନର ସ୍ୱୀକୃତି ସ୍ୱରୂପ ପ୍ରଧାନମନ୍ତ୍ରୀ ମୋଦୀ ଏହି ସମ୍ମାନ ପାଇଛନ୍ତି। ଶ୍ରୀ ମୋଦୀ ଏହି ପୁରସ୍କାରକୁ ଭାରତ ଓ ଇଣ୍ଡୋନେସିଆର ଜନସାଧାରଣ ଏବଂ ଦୁଇ ରାଷ୍ଟ୍ର ମଧ୍ୟରେ ଦୀର୍ଘସ୍ଥାୟୀ ସଭ୍ୟତାଗତ ସମ୍ପର୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି ।

# ବିରୋଧୀ ଦଳ ନେତାଙ୍କୁ ଭେଟିଲେ 'ନ୍ୟାସନାଲ କୋଆଲିସନ ଫର ଓମେନ' ପ୍ରତିନିଧି ଦଳ

ଭୁବନେଶ୍ୱର : ସଂସଦ ଓ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ପାଇଁ ତୁରନ୍ତ ଏକ-ତୃତୀୟାଂଶ (୩୩ ପ୍ରତିଶତ) ଆସନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ଦାବି ନେଇ 'ନ୍ୟାସନାଲ କୋଆଲିସନ ଫର ଓମେନ' (National Coalition for Women) ର ଏକ ପ୍ରତିନିଧି ଦଳ ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି।

ଶ୍ରୀମତୀ ତପସୀ ପ୍ରହରାଜ, ପ୍ରଫେସର ଆଶା ହଂସ, କସ୍ତୁରୀ ମହାପାତ୍ର ଏବଂ ଡ. ଲେନିନ ମହାନ୍ତିଙ୍କ ନେତୃତ୍ୱରେ ଗଠିତ ଏହି ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ବିଜେଡି ସଭାପତିଙ୍କ ସହ ମହିଳା ସଂରକ୍ଷଣ ବିଲ୍‌ର ତୁରନ୍ତ କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଛନ୍ତି। ମହିଳା ସଂରକ୍ଷଣକୁ ଜନଗଣନା କିମ୍ବା ସୀମା ନିର୍ଦ୍ଧାରଣ (Delimitation) ସହ ନଯୋଡ଼ି ଏହାକୁ ବିନା କୌଣସି ସର୍ତ୍ତରେ ସାରା ଦେଶରେ ତୁରନ୍ତ ଲାଗୁ କରିବା ପାଇଁ ସେମାନେ ଦାବିପତ୍ର ଉପସ୍ଥାପନ କରିଛନ୍ତି।ସୂଚନାଯୋଗ୍ୟ ଯେ, ବିଜୁ ଜନତା ଦଳ (ବିଜେଡି) ପୂର୍ବରୁ ମଧ୍ୟ ମହିଳା ସଂରକ୍ଷଣ ବିଲ୍‌କୁ ପୂର୍ଣ୍ଣ ସମର୍ଥନ ଜଣାଇବା ସହ ଏହାକୁ ସୀମା ନିର୍ଦ୍ଧାରଣ



ପ୍ରକ୍ରିୟାରୁ ଅଲଗା ରଖି ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ଜାତୀୟ ସ୍ତରରେ ଦାବି କରିଆସୁଛି। ଏହି ସାକ୍ଷାତକାର ଅବସରରେ ପ୍ରତିନିଧି ଦଳ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶାର ପଦକ୍ଷେପକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ଆନ୍ଦୋଳନକୁ ଆହୁରି ବ୍ୟାପକ କରିବା ପାଇଁ ଆଲୋଚନା କରିଥିବା ଜଣାପଡ଼ିଛି।

# ସ୍ୱାସ୍ଥ୍ୟ ମିତ୍ରଙ୍କ ପୁନଃନିଯୁକ୍ତି ଦାବିରେ କଂଗ୍ରେସର ହୁଙ୍କାର

ଭୁବନେଶ୍ୱର :ରାଜ୍ୟରେ ସ୍ୱାସ୍ଥ୍ୟ ମିତ୍ରଙ୍କ ସମୂହ ଛଟେଇକୁ ନେଇ ରାଜନୈତିକ ତାପମାତ୍ରା ବଢ଼ିଛି। ପୁନଃନିଯୁକ୍ତି ଦାବିରେ ଲୋୟର ପିଏମଜିରେ ୨୦ ଦିନରୁ ଅଧିକ ସମୟ ଧରି ଧାରଣାରେ ବସିଥିବା ସ୍ୱାସ୍ଥ୍ୟ ମିତ୍ରଙ୍କ ଆନ୍‌ଦୋଳନକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପୂର୍ଣ୍ଣ ସମର୍ଥନ ଘୋଷଣା କରିଛି। ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ଦେବାଶିଷ ନାୟକ ଓ ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର ରାଜ୍ୟ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି।




ଦେବାଶିଷ ନାୟକ କହିଛନ୍ତି ଯେ, ସ୍ୱାସ୍ଥ୍ୟ ମିତ୍ରମାନେ କେବଳ ଜଣେ କର୍ମଚାରୀ ନୁହଁନ୍ତି, ବରଂ ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରିଆସୁଥିଲେ। ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ଯେପରି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବ, ରୋଗୀମାନେ ଯେପରି ହଇରାଣ ନହୁଅନ୍ତି ଏବଂ ଘରୋଇ ହସ୍ପିଟାଲରେ ସରକାରୀ ଯୋଜନାର ସଠିକ୍ କାର୍ଯ୍ୟକାରିତା ହେଉ, ସେଥିପାଇଁ ସ୍ୱାସ୍ଥ୍ୟ ମିତ୍ରମାନେ କାମ କରୁଥିଲେ। ଏଭଳି କର୍ମଚାରୀଙ୍କୁ ହଠାତ୍ ଚାକିରିରୁ ବିଦା କରି ସରକାର ସେମାନଙ୍କ ଦାନାପାଣି ମାରିଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଦେବାଶିଷ କହିଛନ୍ତି, ଖରା, ବର୍ଷାକୁ ଖାତିର ନକରି ଶହ ଶହ ସ୍ୱାସ୍ଥ୍ୟ ମିତ୍ର ଗତ ୨୦ ଦିନରୁ ଅଧିକ ସମୟ ଧରି ଲୋୟର ପିଏମଜିରେ ଧାରଣାରେ ବସିଛନ୍ତି। ସେମାନଙ୍କ ପରିବାର କେମିତି ଚଳିବ, ପିଲାଛୁଆଙ୍କ ଭବିଷ୍ୟତ କଣ ହେବ, ସେଥିପ୍ରତି ସରକାରଙ୍କର କୌଣସି ଚିନ୍ତା ନାହିଁ। ଏହା ଏକ ଜନବିରୋଧୀ ସରକାରର ପରିଚୟ ବୋଲି ସେ କହିଛନ୍ତି। ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଧାରଣାସ୍ଥଳକୁ ଯାଇ ସ୍ୱାସ୍ଥ୍ୟ ମିତ୍ରଙ୍କ ସହ ଆଲୋଚନା କରିଥିବା ଉଲ୍ଲେଖ କରି ସରକାର ତୁରନ୍ତ ଆଲୋଚନା କରି ସେମାନଙ୍କୁ ପୁନଃନିଯୁକ୍ତି ଦେବାକୁ ସେ ଦାବି କରିଛନ୍ତି।

କଂଗ୍ରେସ ମୁଖପାତ୍ର ବିଭୁତି ଭୂଷଣ ମହାପାତ୍ର କହିଛନ୍ତି ଯେ, ପ୍ରାୟ ୯୯୩ ଜଣ ସ୍ୱାସ୍ଥ୍ୟ ମିତ୍ର ୨୦୧୮ ମସିହାରୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟ କରିଆସୁଥିଲେ। ଗରିବ ଲୋକଙ୍କୁ ସରକାରୀ ସ୍ୱାସ୍ଥ୍ୟ ଯୋଜନାର ସୁବିଧା ପହଞ୍ଚାଇବା ସହ ଘରୋଇ ହସ୍ପିଟାଲଗୁଡ଼ିକର ଅନିୟମିତତା ଉପରେ ନଜର ରଖିବାରେ ସେମାନଙ୍କର ବଡ଼ ଭୂମିକା ଥିଲା। କିନ୍ତୁ ଦୀର୍ଘ ୮ ବର୍ଷ ସେବା ପରେ ରାତାରାତି ସେମାନଙ୍କୁ ଚାକିରିରୁ ବିଦା କରିଦିଆଯାଇଛି। ନିର୍ବାଚନ ସମୟରେ ନିଯୁକ୍ତିର ପ୍ରତିଶ୍ରୁତି ଦେଇଥିବା ସରକାର ବର୍ତ୍ତମାନ ଚାକିରି ଛଡ଼ାଇ ନେଉଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ସେ ଆହୁରି କହିଛନ୍ତି, ସ୍ୱାସ୍ଥ୍ୟ ମିତ୍ରଙ୍କ ମଧ୍ୟରେ ଅନେକ ମହିଳା କର୍ମଚାରୀ ନିଜ ଛୋଟ ଛୋଟ ଶିଶୁଙ୍କୁ ଧରି ଧାରଣାରେ ବସିଛନ୍ତି। ତଥାପି ସରକାର ସେମାନଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ହେଉନାହାନ୍ତି। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଦଳ ସ୍ୱାସ୍ଥ୍ୟ ମିତ୍ରଙ୍କ ଆନ୍‌ଦୋଳନକୁ ଦୃଢ଼ ସମର୍ଥନ କରୁଥିବା ବେଳେ ସେମାନଙ୍କୁ ନ୍ୟାୟ ନମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି କହିଛନ୍ତି।

ରାଜ୍ୟ ସରକାର ଯଦି ସ୍ୱାସ୍ଥ୍ୟ ମିତ୍ରଙ୍କ ଦାବିକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ପୁନଃନିଯୁକ୍ତି ନଦିଅନ୍ତି, ତେବେ କଂଗ୍ରେସ ପକ୍ଷରୁ ସ୍ୱାସ୍ଥ୍ୟ ମିତ୍ରଙ୍କୁ ସାଙ୍ଗରେ ନେଇ ଜୋରଦାର ଆନ୍‌ଦୋଳନ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୀର୍ଘସ୍ଥାୟୀ ମାଛ ଧରା ଏକ ନୈତିକ ଦାୟିତ୍ୱ; ...

ଦୀର୍ଘସ୍ଥାୟୀ ଉପଯୋଗ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଦୀର୍ଘସ୍ଥାୟୀ ଅଭିବୃଦ୍ଧି ଉପରେ ଗୁରୁତ୍ୱାରୋପ କରି ସେ କହିଥିଲେ, ଏହି ପଦକ୍ଷେପ ଦାୟିତ୍ୱପୂର୍ଣ୍ଣ ମାଛ ଧରିବାକୁ ପ୍ରୋତ୍ସାହିତ କରିବ, ମତ୍ସ୍ୟଜୀବୀ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବ, ଯୁବପିଢ଼ି ପାଇଁ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ ଏବଂ ମତ୍ସ୍ୟଜୀବୀ ସମ୍ପ୍ରଦାୟର ଆୟରେ ଉନ୍ନତି ଆଣିବ। ବିଶ୍ୱ ବାଣିଜ୍ୟ ଆହ୍ୱାନ ସତ୍ତ୍ୱେ ରେକର୍ଡ ସାମୁଦ୍ରିକ ଖାଦ୍ୟ ରପ୍ତାନି ହାସଲ କରିବା ପାଇଁ ସେ ମତ୍ସ୍ୟ ବିଭାଗକୁ ମଧ୍ୟ ପ୍ରଶଂସା କରିଥିଲେ। ମତ୍ସ୍ୟ ସମବାୟ ଏବଂ ମତ୍ସ୍ୟ ଚାଷୀ ଉତ୍ପାଦକ ସଂଗଠନ ଗୁଡିକର ଭୂମିକା ଉପରେ ଗୁରୁତ୍ୱାରୋପ କରି, ସେ ମତ୍ସ୍ୟଜୀବୀମାନଙ୍କୁ ଟୁନା ପ୍ରଜାତି ଭଳି ଉଚ୍ଚ-ମୂଲ୍ୟ ଆଧାରିତ ସାମୁଦ୍ରିକ ସମ୍ପଦ ବ୍ୟବହାର କରିବା ପାଇଁ ଉପଯୁକ୍ତ ଜାହାଜ, ଉପକରଣ ଏବଂ ପ୍ରଯୁକ୍ତିବିଦ୍ୟା ଯୋଗାଇ ଦେବା ଉପରେ ଜୋର ଦେଇଥିଲେ ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ କହିଥିଲେ, ଓଡ଼ିଶା ସ୍ଥିର ଭାବରେ ଏକ ଦୃଢ଼ ମତ୍ସ୍ୟ ଉତ୍ପାଦନ ପରିବେଶ ତିଆରି କରୁଛି । ମୂଲ୍ୟ ବୃଦ୍ଧି ଓ ସାମୁଦ୍ରିକ ମାଛ ରପ୍ତାନିକୁ ସମର୍ଥନ କରିବା ପାଇଁ ପାଇକାରୀ ମାଛ ବଜାର ଏବଂ ଆକ୍ୱାପାର୍କ ସମେତ ଆଧୁନିକ ମତ୍ସ୍ୟ ଭିତ୍ତିଭୂମିରେ ନିବେଶ କରାଯାଉଛି । ଏହା ମାଧ୍ୟମରେ ଇଇଜେଡ ଏବଂ ସାମୁଦ୍ରିକ ମତ୍ସ୍ୟ ସମ୍ପଦର ଅବ୍ୟବହୃତ ସମ୍ଭାବନାକୁ ଉପଯୋଗ କରିବା ପାଇଁ ରାଜ୍ୟର ପ୍ରତିବଦ୍ଧତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ କହିଥିଲେ, ସମ୍ପୂର୍ଣ୍ଣ ଅନଲାଇନ୍ ପ୍ରକ୍ରିୟା ଏବଂ ବାସ୍ତବ-ସମୟ ଟ୍ରାକିଂ ବିଶିଷ୍ଟ ଡିଜିଟାଲ୍ ସକ୍ଷମ ଏଲଓଏ ବ୍ୟବସ୍ଥା ସ୍ୱଚ୍ଛତା ଏବଂ ବ୍ୟବସାୟିକ ସୁଗମତାକୁ ପ୍ରୋତ୍ସାହିତ କରିବ। ସେ ଆୟ ବୃଦ୍ଧି, ନିଯୁକ୍ତି ସୃଷ୍ଟି ତଥା ଦେଶରେ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି ପାଇଁ ଏକ ଅଗ୍ରଣୀ କେନ୍ଦ୍ର ଭାବରେ ଓଡ଼ିଶାକୁ ସ୍ଥାନିତ କରିବା ଉପରେ ଜୋର ଦେଇଥିଲେ । ଏଥିପାଇଁ ଗଭୀର ସମୁଦ୍ର ମାଛ ଧରା, ଟୁନା ମତ୍ସ୍ୟ ଉତ୍ପାଦନ, ପ୍ରକ୍ରିୟାକରଣ ଏବଂ ରପ୍ତାନି ଆଧାରିତ ମତ୍ସ୍ୟ ଉତ୍ପାଦନ କାର୍ଯ୍ୟକଳାପ ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମ ଅବସରରେ କହିଥିଲେ, ଭାରତର ନୀଳ ଅର୍ଥବ୍ୟବସ୍ଥା ଲାଗି ଅପାର ସମ୍ଭବନା ରହିଛି । ମତ୍ସ୍ୟ ଉତ୍ପାଦନ କ୍ଷେତ୍ରକୁ ସୁଦୃ ? କରିବା ଲାଗି ଭାରତ ସରକାର ଗ୍ରହଣ କରିଥିବା ଯୁଗାନ୍ତକାରୀ ପଦକ୍ଷେପକୁ ସେ ଉଚ୍ଚପ୍ରଶଂସା କରିଥିଲେ। ଶ୍ରୀ ପ୍ରଧାନ ଓଡିଶାର ସମୃଦ୍ଧ ସାମୁଦ୍ରିକ ଐତିହ୍ୟ ଏବଂ ପ୍ରଚୁର ମତ୍ସ୍ୟ ସମ୍ପଦ ବିଷୟରେ ଉଲ୍ଲେଖ କରି କହିଥିଲେ, ଭାରତର ସାମୁଦ୍ରିକ ଖାଦ୍ୟ ରପ୍ତାନିରେ ରାଜ୍ୟ ଅତି ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି । ତେବେ ଲୁଣିଆ ଜଳକୃଷି ଏବଂ ଗଭୀର ସମୁଦ୍ର ମତ୍ସ୍ୟ ଉତ୍ପାଦନରେ ଅନେକ ସମ୍ଭାବନା ରହିଛି ବୋଲି ସେ ମତ ବ୍ୟକ୍ତ କରିଥିଲେ । ସେ ଆହୁରି କହିଥିଲେ, ଏହି ସମ୍ପଦଗୁଡ଼ିକୁ ଦୀର୍ଘସ୍ଥାୟୀ ଉପାୟରେ ବ୍ୟବହାର କରିବା ଦ୍ୱାରା ମାଛ ଉତ୍ପାଦନ ବୃଦ୍ଧି ପାଇପାରିବ, ରପ୍ତାନି ବ ?ିବ ଏବଂ ଉପକୂଳ ସମ୍ପ୍ରଦାୟ ପାଇଁ ନୂତନ ଜୀବିକା ସୁଯୋଗ ସୃଷ୍ଟି ହେବ । କେନ୍ଦ୍ର ମନ୍ତ୍ରୀ ମତ୍ସ୍ୟ ଉତ୍ପାଦନ ମୂଲ୍ୟ ଶୃଙ୍ଖଳାକୁ ସୁଦୃଢ଼ କରିବା, ବଜାର ପ୍ରବେଶକୁ ଉନ୍ନତ କରିବା ଏବଂ କ୍ଷେତ୍ରୀୟ ଅଭିବୃଦ୍ଧିର ଲାଭ ମତ୍ସ୍ୟଚାଷୀ ସମ୍ପ୍ରଦାୟଙ୍କ ନିକଟରେ ପହଞ୍ଚାଇବାରେ ମତ୍ସ୍ୟ ସମବାୟ ଏବଂ ମାଛ ଚାଷୀ ଉତ୍ପାଦକ ସଂଗଠନ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ। ଏଲଓଏ ବ୍ୟବସ୍ଥା ଏବଂ ଓଡ଼ିଶା ଗଭୀର ସମୁଦ୍ର ମାଛଧରା ମିଶନ୍ ଓଡ଼ିଶାକୁ ପୂର୍ବ ଭାରତରେ ଏକ ପ୍ରମୁଖ ମତ୍ସ୍ୟ ଉତ୍ପାଦନ ଏବଂ ସାମୁଦ୍ରିକ ଖାଦ୍ୟ ରପ୍ତାନି କେନ୍ଦ୍ର ଭାବରେ ସ୍ଥାନିତ କରିବାରେ ସାହାଯ୍ୟ କରିବ ତଥା ଏକ ସକ୍ରିୟ ନୀଳ ଅର୍ଥବ୍ୟବସ୍ଥାର ଲକ୍ଷ୍ୟ ହାସଲରେ ଯୋଗଦାନ ଦେବ ।

### ପୌରସଂସ୍ଥା ଓ ଉନ୍ନୟନ ...

ଏବଂ ସ୍ୱୀକୃତ କେନ୍ଦ୍ରୀୟ ସହାୟତା ଟ୪୨୯.୮୧ କୋଟି। ଅନୁମୋଦିତ ପ୍ରକଳ୍ପଗୁଡ଼ିକ ହେଲା—ସମ୍ବଲପୁର ଷ୍ଟର୍ମ ୱାଟର ଡ୍ରେନେଜ୍ ସିଷ୍ଟମ୍‌ସମ୍ବଲପୁର ଓଉଉଉବ୍ରହ୍ମପୁର ଓଉଉଉଭୁବନେଶ୍ୱର ଟାଉନ୍ ସେଣ୍ଟର ଓ ନିକୋ ପାର୍କ ଲେକ୍ ଜୋନ୍ ବିକାଶଏହି ପ୍ରକଳ୍ପଗୁଡ଼ିକର ରୂପାୟନ ପାଇଁ କେନ୍ଦ୍ରୀୟ ସହାୟତା ସହିତ ଟ୬୩୨ କୋଟି ଋଣ ଅର୍ଥାୟନ, ଟ୭୧ କୋଟି ଚଚଚ ନିବେଶ ଏବଂ ଟ୯୨୪.୧୯ କୋଟି ରାଜ୍ୟ ସରକାରଙ୍କ ଅଂଶୀଦାରି ଆବଶ୍ୟକ ହେବ। ଏହା ସମ୍ବଲପୁର ଓ ବ୍ରହ୍ମପୁରର ସହରାଞ୍ଚଳ ବିକାଶରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ଆଶା କରାଯାଉଛି।କର୍ମଶାଳାରେ HUDCO, ବିଶ୍ୱ ବ୍ୟାଙ୍କ, ଜନଗ୍ରହ, Deloitte, Powertech Infrastructure, iDECK, AKS Consultancy ଏବଂ ବଡୋଦରା ମହାନଗର ନିଗମର ବିଶେଷଜ୍ଞମାନେ ଯୋଗଦେଇ UCF ଯୋଗ୍ୟତା, ବିସ୍ତୃତ ପ୍ରକଳ୍ପ ରିପୋର୍ଟ (DPR) ପ୍ରସ୍ତୁତି, ମ୍ୟୁନିସିପାଲ ଫାଇନାନ୍ସ, ମ୍ୟୁନିସିପାଲ ବଣ୍ଡ, PPP ମଡେଲ୍ ଏବଂ ପ୍ରକଳ୍ପ ଅର୍ଥାୟନ ସମ୍ପର୍କିତ ବିଭିନ୍ନ ବୈଷୟିକ ବିଷୟ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶେଷ ପର୍ଯ୍ୟାୟରେ HUDCOର ବିଶେଷଜ୍ଞ ଦଳ ପ୍ରକଳ୍ପ ମେଣ୍ଟରସିପ୍ ଓ ଟେବୁଲ କନସଲଟେସନ୍ ମାଧ୍ୟମରେ ଟଖଇମାନଙ୍କ ପାଇଁ କାର୍ଯ୍ୟଯୋଜନା ପ୍ରସ୍ତୁତ କରିଥିଲେ।ଏହି କର୍ମଶାଳାରେ ଭୁବନେଶ୍ୱର ମହାନଗର ନିଗମ କମିଶନର ଶ୍ରୀ ଚଞ୍ଚଳ ରାଣା, IAS, କଟକ ମହାନଗର ନିଗମ କମିଶନର ଶ୍ରୀମତୀ କିରଣଦୀପ କୌର ସାହୋଟା, IAS, HUDCOର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସଞ୍ଜୟ କୁଲଶ୍ରେଷ୍ଠ, ପୌର ପ୍ରଶାସନ ନିର୍ଦ୍ଦେଶକ ଶ୍ରୀ ଅରିନ୍ଦମ ଡାକୁଆଙ୍କ ସମେତ HUDCO, ବିଶ୍ୱ ବ୍ୟାଙ୍କ, ସଉରଉକ, Deloitte, AKS Consultancy, ବଡୋଦରା ମହାନଗର ନିଗମ ଏବଂ ବିଭିନ୍ନ ପୌରସଂସ୍ଥାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ନୂଆ ଚିନ୍ତାଧାରା
# କେଜିରୁ ପିଜି ମାଗଣା ପାଠପଢ଼ା



ଭୁବନେଶ୍ୱର: 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାରେ କେଜିରୁ ପିଜି ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତ ମାସରେ ଘୋଷଣା କରିଥିଲେ। ଏହି ପ୍ରସ୍ତାବରେ କ୍ୟାବିନେଟ୍ ମୋହର ବାଜିଛି। ଏଥି ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ମଞ୍ଜୁରି ହୋଇଛି। ପାଞ୍ଚ ବର୍ଷ ଅବଧି ମଧ୍ୟରେ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ମଧ୍ୟ ମଞ୍ଜୁରି ଦିଆଯାଇଛି। ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ମିଳିବ। ଆର୍ଥିକ ଦୁର୍ବଳ ଓ ପଛୁଆବର୍ଗର ଛାତ୍ରଛାତ୍ରୀ ଉପକୃତ ହେବେ।

ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ପରେ ମାଗଣା ଶିକ୍ଷାଦାନ ସମ୍ପର୍କିତ ନିଷ୍ପତ୍ତି ଉପରେ ମୁଖ୍ୟମନ୍ତ୍ରୀ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସେ କହିଥିଲେ, ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ରାଜ୍ୟର ଜଣେ ମଧ୍ୟ ଛାତ୍ରଛାତ୍ରୀ ଆଉ ଆର୍ଥିକ ଅଭାବ କାରଣରୁ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ କିମ୍ବା ପାଠପଢ଼ା ମଝିରୁ ପାଠ ଛାଡିବେ ନାହିଁ। ରାଜ୍ୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଯୋଜନା ଅଧୀନରେ ବିଦ୍ୟାଳୟ ଓ ଗଣଶିକ୍ଷା, ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର୍ ପାଠ୍ୟକ୍ରମରେ ନାମ ଲେଖାଇଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି' ଛାଡ଼ କରାଯିବ। ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ନବମରୁ ଦ୍ୱାଦଶ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମେତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ଏବଂ ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ନିୟମିତ ଭାବେ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯିବ।

ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାରେ କିଣ୍ଡରଗାର୍ଟେନ୍ ବା କେଜିରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ପୂର୍ବରୁ ଦେୟମୁକ୍ତ ଥିଲା।

# ସନ୍ଦେହଜନକ ଅବସ୍ଥାରେ ମିଳିଲା ଆଇଆଇସିଙ୍କ ମୃତଦେହ

କଟକ : ଥାନା କ୍ୱାର୍ଟର୍ସରୁ ମିଳିଲା ମହିଳା ଆଇଆଇସିଙ୍କ ମୃତଦେହ । କଟକ ଚାଉଳିଆଗଞ୍ଜ ଥାନା ଆଇଆଇସି ବ୍ୟୁଟି ମହାନ୍ତିଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ଚାଉଳିଆଗଞ୍ଜ ଥାନା କ୍ୱାର୍ଟର୍ସରୁ ଆଇଆଇସି ବ୍ୟୁଟି ମହାନ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଥିବାବେଳେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇ ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ବରିଷ୍ଠ ପୁଲିସ ଅଧିକାରୀମାନେ ଏବେ ଘଟଣାସ୍ଥଳରେ ପହଂଚି ଛାନଭିନ ଚଳାଇଛନ୍ତି ।ସିପିଙ୍କ କହିବା ଅନୁଯାୟୀ, ଘଟଣା ପୂର୍ବରାତିରେ ବିୟୁଟି ମହାନ୍ତି ଘରକୁ ନଯାଇ ଥାନା କ୍ୱାର୍ଟର୍ସରେ ରହିଥିଲେ। ତାଙ୍କ ଅର୍ଡଲି ରାତ୍ରି ଭୋଜନ ନେଇ ଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ରିସିଭ୍ କରିନଥିଲେ। ଫଳରେ ସେ ରାତିରେ ଭୋଜନ କରିନଥିବା ଜଣାପଡ଼ିଛି ।ସେ ଆହୁରି କହିଛନ୍ତି ଯେ, ବିୟୁଟି ମହାନ୍ତି ଶାରୀରିକ ଓ ମାନସିକ ଭାବେ ଜଣେ ଦୃଢ଼ ଅଧିକାରୀ ଥିଲେ। ସେ କେବେ ବି କୌଣସି ବ୍ୟକ୍ତିଗତ କିମ୍ବା କାର୍ଯ୍ୟଗତ ସମସ୍ୟା ସମ୍ପର୍କରେ ବରିଷ୍ଠ ଅଧିକାରୀଙ୍କୁ ଜଣାଇନଥିଲେ। କମିଶନରେଟ ପୋଲିସରେ ସେ ଭଲ କାମ କରୁଥିବା ସହ ସାଧାରଣ ଲୋକଙ୍କ ସହ ତାଙ୍କ ବ୍ୟବହାର ମଧ୍ୟ ଭଲ ଥିଲା। ତେଣୁ ତାଙ୍କ ମୃତ୍ୟୁ ପଛରେ ଥିବା ପ୍ରକୃତ କାରଣର ତଦନ୍ତ କରାଯିବ ବୋଲି ସିପି କହିଛନ୍ତି ।ସୂଚନାଯୋଗ୍ୟ, ଚାଉଳିଆଗଞ୍ଜ ଥାନାର ଆଇଆଇସି ବିୟୁଟି ମହାନ୍ତି ନିଜ ସରକାରୀ କ୍ୱାର୍ଟର୍ସରେ ଝୁଲନ୍ତା ଅବସ୍ଥାରେ ମିଳିଥିଲେ। ଶନିବାର ସକାଳେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ମୃତ୍ୟୁର କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଥିବାବେଳେ ଶବ ବ୍ୟବଚ୍ଛେଦ ପାଇଁ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଯାଇଛି। ଘଟଣାସ୍ଥଳରେ ବରିଷ୍ଠ ପୋଲିସ ଅଧିକାରୀମାନେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବିୟୁଟି ମହାନ୍ତି ପୂର୍ବରୁ କଟକର ମର୍କତନଗର ମହିଳା ଥାନା ସମେତ ବିଭିନ୍ନ ଥାନାରେ ଥାନା ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ଅକାଳ ବିୟୋଗ ପୋଲିସ ବିଭାଗରେ ଶୋକର ଛାୟା ଖେଳାଇ ଦେଇଛି। ବର୍ତ୍ତମାନ ପୋଲିସ ସମସ୍ତ ଦିଗକୁ ନେଇ ଘଟଣାର ତଦନ୍ତ ଜାରି ରଖିଛି।



# ଓଡ଼ିଶା ପାଇଁ କିସ୍‌ର ଆଉ ଏକ ସଫଳତା



ଭୁବନେଶ୍ୱର: ଟାଇମ୍‌ସ ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇଂପାକ୍ଟ ର୍‍ୟାଙ୍କିଙ୍ଗ୍ ୨୦୨୬ରେ ଭାରତର ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମଧ୍ୟରେ କିସ୍ ପ୍ରଭାବୀ ପ୍ରଦର୍ଶନ କରିଛି। କିସ୍ ବିଶ୍ୱବିଦ୍ୟାଳୟ ଚଳିତବର୍ଷ ପ୍ରଥମ ଥର ପାଇଁ ସଷ୍ଟେନେବିଲିଟି ଇମ୍ପାକ୍ଟ ରାଙ୍କିଂରେ ଅଂଶଗ୍ରହଣ କରି ୪୦୧-୬୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇ ରାଜ୍ୟର ଗୌରବ ଆଣିଛି। ଏହା ସହ ଭାରତରେ ସାମଗ୍ରିକ ଭାବରେ ୭ମ ସ୍ଥାନ ହାସଲ କରିଛି।

ପ୍ରଥମ ଥର ପାଇଁ ଏହି ପ୍ରତିଷ୍ଠିତ ଗ୍ଲୋବାଲ୍ ରାଙ୍କିଂରେ ଅଂଶଗ୍ରହଣ କରି କିସ୍ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ (ଏସ୍‌ଡିଜି) ରେ ସ୍ୱୀକୃତି ପାଇଛି। ଏହି ତାଲିକାର ଗୁଣାତ୍ମକ ଶିକ୍ଷା ବର୍ଗରେ କିସ୍ ବିଶ୍ୱ ରାଙ୍କର ୯୦ ସ୍ଥାନରେ ରହିଥିବା ବେଳେ ଲିଙ୍ଗ ସମାନତାରେ ୬୦ ସ୍ଥାନ ହାସଲ କରିଛି। ସେହିପରି ଦାରିଦ୍ର୍ୟ ଦୂରୀକରଣରେ ୧୦୧-୨୦୦ ଗ୍ଲୋବାଲ୍ ବ୍ୟାଣ୍ଡରେ ସ୍ଥାନ ପାଇଥିବା ବେଳେ ଅସମାନତା ହ୍ରାସ ପାଇଁ ୪୦୧-୬୦୦ ବ୍ୟାଣ୍ଡରେ ମଧ୍ୟ ସ୍ଥାନ ପାଇଛି। ଜନଜାତି ଓ ଅବହେଳିତ ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ସାମଗ୍ରିକ ଶିକ୍ଷା ପ୍ରଦାନ କରି ସ୍ଥାୟୀ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ କିସ୍‌ର ଦୀର୍ଘକାଳୀନ ପ୍ରତିବଦ୍ଧତା ପାଇଁ ଏହି ରାଙ୍କିଂ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ, ଟାଇମ୍‌ସ ହାଇୟର ଏଜୁକେସନ, ବିଶ୍ୱବିଦ୍ୟାଳୟଗୁଡ଼ିକର ଗ୍ଲୋବାଲ୍ ର୍‍ୟାଙ୍କିଂ କରିବା ବ୍ୟତୀତ ଜାତିସଂଘ ସ୍ଥାୟୀ ବିକାଶ ଲକ୍ଷ୍ୟ ଆଧାରରେ କେଉଁ ସବୁ ବିଶ୍ୱବିଦ୍ୟାଳୟ କେତେ ପରିମାଣରେ ସାମାଜିକ ପ୍ରଭାବ ସୃଷ୍ଟି କରିଛନ୍ତି ତା ଉପରେ ମଧ୍ୟ ର୍‍ୟାଙ୍କିଂ କରିଥାଏ।

ସେହି ଆଧାରରେ କିସ୍‌ର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିବାରୁ କିସ୍ ଭଲ ର୍‍ୟାଙ୍କ ପ୍ରଦର୍ଶନ କରିଛି। ଏଥିରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି କିସ୍ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଇମ୍ପାକ୍ଟ ର୍‍ୟାଙ୍କିଙ୍ଗରେ ଚମତ୍କାର ପ୍ରଦର୍ଶନ କରିଛି।

# ପୁରୀ-କୋରାପୁଟ ନୂଆ ଟ୍ରେନର ଶୁଭାରମ୍ଭ



ଭୁବନେଶ୍ୱର: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶରେ ଏବେ ଏକ ଟ୍ରାନ୍ସଫର୍ମେସନର ଯୁଗ ଆସିଛି। ସଡକ ଠାରୁ ଆରମ୍ଭ କରି ରେଳ,ବିମାନସେବା ସବୁ କ୍ଷେତ୍ରରେ ପରିବର୍ତ୍ତନ ଆସିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ରେଳ ଷ୍ଟେସନଠାରେ ପୁରୀ-କୋରାପୁଟ-ପୁରୀ ନୂତନ ଟ୍ରେନର ଶୁଭାରମ୍ଭ ଅବସରରେ ଏହା କହିଛନ୍ତି। ପୁରୀ ରେଳ ଷ୍ଟେସନଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ଏହି ଟ୍ରେନକୁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ସେହିପରି,ରେଶମ ସହର ବ୍ରହ୍ମପୁରରୁ ବାହାରି ପଶ୍ଚିମ ଓଡ଼ିଶା ଦେଇ ଗୁଜୁରାଟର ଉଧନା(ସୁରଟ) ପର୍ଯ୍ୟନ୍ତ ଚାଲୁଥିବା ସାପ୍ତାହିକ ଅମୃତ ଭାରତ ଏକ୍ସପ୍ରେସ ଆଜିଠାରୁ ଦୈନିକ ଟ୍ରେନ ରୂପେ ନିଜର ଯାତ୍ରା ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ଅବସରରେ ସମଗ୍ର ରାଜ୍ୟବାସୀ, ବିଶେଷ କରି ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, କଳାହାଣ୍ଡି, ବଲାଙ୍ଗିର ଓ ନୂଆପଡ଼ା ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ଏହାକୁ ଓଡ଼ିଶାର ବିକାଶ ଲାଗି ଏକ ଐତିହାସିକ ଦିନ ବୋଲି ପ୍ରକାଶ କରିଛନ୍ତି।

ପୁରୀ-କୋରାପୁଟ ନୂଆ ଟ୍ରେନର ଶୁଭାରମ୍ଭ ସମାରୋହରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ଟ୍ରେନ ସପ୍ତାହକୁ ତିନି ଦିନ ଚାଲିବ। ପୂର୍ବ, ପଶ୍ଚିମ ଓ ଦକ୍ଷିଣ ଓଡିଶାକୁ ଯୋଡି ସମସ୍ତଙ୍କ ପାଇଁ ଏକ ସୁଖଦ ଯାତ୍ରାର ଅନୁଭବ ଆଣିବ। ବର୍ତ୍ତମାନ ରାଜ୍ୟର ସବୁ ଜିଲ୍ଲାରେ ରେଳ ଯୋଗାଯୋଗ ବ୍ୟବସ୍ଥା କରିବା ପାଇଁ କେନ୍ଦ୍ର ରେଳମନ୍ତ୍ରୀ ଉଦ୍ୟମ ଜାରି ରଖିଛନ୍ତି। ଓଡିଶାରେ ବର୍ତ୍ତମାନ ୯୭ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି। ଓଡିଶାର ୫୯ ରେଳ ଷ୍ଟେସନକୁ 'ଅମୃତ ଭାରତ' ଯୋଜନାରେ ଆଧୁନିକୀକରଣ କରାଯାଉଛି। ସେଥିରେ ୧୮୪ କୋଟି ଟଙ୍କା ଖର୍ଚ୍ଚରେ ପୁରୀ ଷ୍ଟେସନର କାମ ମଧ୍ୟ ଚାଲୁ ରହିଛି। ପୁରୀର ସାଂସ୍କୃତିକ ଓ ଆଧ୍ୟାତ୍ମିକ ବୈଭବକୁ ଦୃଷ୍ଟିରେ ରଖି ଏହାର ଡିଜାଇନ କରାଯାଇଛି। ଆସନ୍ତା ବର୍ଷ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ସମୟ ଧାର୍ଯ୍ୟ କରାଯାଇଛି । କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଥିଲେ ଯେ, ଉପକୂଳ ଓଡିଶାକୁ ପଶ୍ଚିମ ଓ ଦକ୍ଷିଣ ଓଡିଶା ସହ ଯୋଡିବା ପାଇଁ ବହୁ ଦିନରୁ ଜନସାଧାରଣଙ୍କ ଦାବୀ ରହିଥିଲା। ମୁଖ୍ୟମନ୍ତ୍ରୀ ମଧ୍ୟ ଏ ସମ୍ପର୍କରେ ଚିଠି ଦ୍ୱାରା ଅନୁରୋଧ କରିଥିଲେ। ଆଜି ଶୁଭାରମ୍ଭ ହୋଇଥିବା ଏହି ଟ୍ରେନ ଓଡିଶାର ଅନେକ ଜିଲ୍ଲାକୁ ପୁରୀ ସହ ଯୋଡିବ। ଦୁଇ ବର୍ଷ ତଳେ ଆମେ ଓଡିଶାବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଯେ ୫ ବର୍ଷରେ ଏକ ଲକ୍ଷ କୋଟି ଟଙ୍କା ରେଳ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ବିନିଯୋଗ କରିବୁ। ଦୁଇ ବର୍ଷରେ ୯୭ ହଜାର କୋଟି ଟଙ୍କାରେ ପହଞ୍ଚିଲାଣି। ଜାତୀୟ ରାଜପଥ କ୍ଷେତ୍ରରେ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳଜୀଙ୍କ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନା ପରି, ରେଳବାଇ କ୍ଷେତ୍ରରେ ସମଗ୍ର ଦେଶକୁ ଯୋଡିବା ପାଇଁ ମୋଦୀଜୀ ସ୍ୱର୍ଣ୍ଣ ଚତୁର୍ଭୁଜ ଯୋଜନାର ଲକ୍ଷ୍ୟ ରଖିଛନ୍ତି ବୋଲି ସେ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧକ୍ରମେ, କେନ୍ଦ୍ର ରେଳମନ୍ତ୍ରୀ ପୁରୀ-କୋରାପୁଟ ଟ୍ରେନ ପରି ଉତ୍ତର ଓଡିଶା ପାଇଁ ଏକ ଟ୍ରେନ ଆରମ୍ଭ କରାଯିବ ବୋଲି ଘୋଷଣା କରିଥିଲେ ।ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଜେନା କହିଥିଲେ ଯେ ଉପତ୍ୟକାରୁ ଉପକୂଳକୁ ଯୋଡିବ ଏହି ନୂତନ ଟ୍ରେନ। ୫ ବର୍ଷରେ ରେଳ ବିକାଶ ପାଇଁ ଯେଉଁ କଥା ଦେଇଥିଲେ, ଆଜି ଦୁଇ ବର୍ଷରେ ତାହା ପୂରଣ ହେବାକୁ ଯାଉଛି । ପୁରୀ ସାଂସଦ ଡ. ସମ୍ବିତ ପାତ୍ର କହିଥିଲେ ଯେ, ରଥଯାତ୍ରାକୁ ଦୃଷ୍ଟିରେ ରଖି ପୁରୀ ରେଳ ଷ୍ଟେସନରେ ସମସ୍ତ ସୁବିଧା କରାଯାଉଛି। ରଥଯାତ୍ରା ଅବସରରେ ୩୦୦ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ ବୋଲି ସେ କହିଥିଲେ। ଏହି ଅବସରରେ କଳାହାଣ୍ଡି ସାଂସଦ ମାଳବିକା ଦେବୀ,ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର,ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ,ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର ଓ ପୁରୀ ଜିଲ୍ଲା ପ୍ରଶାସନ ଓ ରେଳ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଭାରତ-ଇଣ୍ଡୋନେସିଆ ମଧ୍ୟରେ ଐତିହାସିକ ବ୍ରହ୍ମୋସ ଚୁକ୍ତି ସ୍ୱାକ୍ଷରିତ



ନୂଆଦିଲ୍ଲୀ : ପ୍ରତିରକ୍ଷା ଓ ରଣନୀତିକ ସମ୍ପର୍କ କ୍ଷେତ୍ରରେ ଏସିଆ ମହାଦେଶରେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି। ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ସୁପରସୋନିକ୍ କ୍ରୁଜ୍ ମିସାଇଲ୍ 'ବ୍ରହ୍ମୋସ'କୁ ନେଇ ଏକ ବଡ଼ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସକାଳେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରବୋଭୋ ସୁବିଆନ୍ତୋଙ୍କ ମଧ୍ୟରେ ଏହି ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି ।

ଦୁଇ ଦିନିଆ ସରକାରୀ ଗସ୍ତରେ ଇଣ୍ଡୋନେସିଆର ରାଜଧାନୀ ଜାକାର୍ତ୍ତାରେ ପହଞ୍ଚିଥିବା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ସେଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା । ବିମାନବନ୍ଦରରେ ରାଷ୍ଟ୍ରପତି ପ୍ରବୋଭୋ ନିଜେ ଉପସ୍ଥିତ ରହି ପିଏମ୍ ମୋଦୀଙ୍କୁ ଆଲିଙ୍ଗନ କରି ଆନ୍ତରିକତାର ସହ ସ୍ୱାଗତ ଜଣାଇଥିଲେ । ଏହାପରେ ଦୁଇ ପ୍ରମୁଖ ରାଷ୍ଟ୍ରମୁଖ୍ୟଙ୍କ ମଧ୍ୟରେ ଏକ ଉଚ୍ଚସ୍ତରୀୟ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସେଥିରେ ପ୍ରତିରକ୍ଷା, ବାଣିଜ୍ୟ ଏବଂ ସାମୁଦ୍ରିକ ସୁରକ୍ଷା ସହ ଜଡ଼ିତ ଅନେକ ବଡ଼ ରାଜିନାମାକୁ ଚୂଡ଼ାନ୍ତ ରୂପ ଦିଆଯାଇଛି। ସେହିପରି, ଇଣ୍ଡୋନେସିଆ ସଂସଦରେ ମୋଦୀ ଭାଷଣ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତର ଦ୍ୱିତୀୟ ଦିନକୁ ରଣନୀତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଉଛି ।

ରାଷ୍ଟ୍ରପତି ପ୍ରବୋଭୋଙ୍କ ସହ ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦୀ ଇଣ୍ଡୋନେସିଆର ସଂସଦ 'କୋମ୍‌ପ୍ଲେକ୍ସ ପାର୍ଲମେନ ରିପବ୍ଲିକ ଇଣ୍ଡୋନେସିଆ' ଗସ୍ତ କରି ସେଠାରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ସଂସଦର ସଦସ୍ୟମାନଙ୍କୁ ସମ୍ବୋଧିତ କରିଥିଲେ । ବିଶେଷଜ୍ଞଙ୍କ ମତରେ, ପିଏମ୍ ମୋଦୀଙ୍କ ଏହି ସମ୍ବୋଧନ ଭାରତ-ଇଣ୍ଡୋନେସିଆ ଗଣତାନ୍ତ୍ରିକ ସଂହତି ଏବଂ ଦୁଇ ଦେଶର ଶତାବ୍ଦୀ ପୁରୁଣା ଐତିହାସିକ ସମ୍ପର୍କକୁ ଏକ ନୂଆ ଦିଶା ପ୍ରଦାନ କରିବ।

## ରାଜସ୍ୱ ମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ

# ସହରାଞ୍ଚଳକୁ ମିଳିବ ବିପର୍ଯ୍ୟୟ ପରିଚାଳନା ପାଣ୍ଠି



ଭୁବନେଶ୍ୱର:ଲୋକସେବା ଭବନଠାରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ବନ୍ୟା ତଥା ବର୍ଷାଜଳ ପରିଚାଳନା ସମ୍ପର୍କରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ରାଜ୍ୟରେ ବିପର୍ଯ୍ୟୟ ପରିଚାଳନାକୁ ସୁଦୃଢ଼ କରିବା ଦିଗରେ ଉନ୍ନତ ବୈଷୟିକ କାର୍ଯ୍ୟପ୍ରଣାଳୀ ଏବଂ ସମୁଦାୟଭିତ୍ତିକ ସଚେତନତା ମାଧ୍ୟମରେ ବିପର୍ଯ୍ୟୟ ପ୍ରଶମନ କ୍ଷମତା ବୃଦ୍ଧି ଦିଗରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ପୂଜାରୀ ଗୁରୁତ୍ୱାରୋପ କରିଛନ୍ତି ।

ବୈଠକରେ ସହରାଞ୍ଚଳରେ ଲଗାଣ ବର୍ଷାଜନିତ ବନ୍ୟା ପରିସ୍ଥିତିର ପରିଚାଳନା ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ଏବଂ ଆଇଆଇଟି ରୁର୍କୀ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଏମଓୟୁ ସମ୍ପର୍କରେ ବିସ୍ତୃତ ଆଲୋଚନା ସହ ଏ ସଂକ୍ରାନ୍ତରେ ଆଇଆଇଟି ରୁର୍କୀ ପକ୍ଷରୁ ପ୍ରସ୍ତୁତ ଡିପିଆର୍ ପ୍ରଦର୍ଶିତ ହୋଇଥିଲା । ଆଗାମୀ ଦିନରେ ନଗର ଉନ୍ନୟନ ବିଭାଗ ସହ ସମନ୍ୱୟରେ ପ୍ରାରମ୍ଭିକ ପର୍ଯ୍ୟାୟରେ ୧୦ଟି ସହରାଞ୍ଚଳର ତାଲିକା କରି ସହରାଞ୍ଚଳ ବନ୍ୟା ପରିଚାଳନା ଏବଂ ବର୍ଷାଜଳ ନିଷ୍କାସନ ଦିଗରେ ବିପର୍ଯ୍ୟୟ ପରିଚାଳନା ପାଣ୍ଠିରୁ ଆବଶ୍ୟକୀୟ ଅର୍ଥ ଯୋଗାଇ ଦିଆଯିବା ନେଇ ଆଲୋଚନା ହୋଇଥିଲା । ଭୁବନେଶ୍ୱର ଏବଂ ଅନ୍ୟ ସହର ମାନଙ୍କରେ ବର୍ଷାଜଳ ଡ୍ରେନେଜ୍ ବ୍ୟବସ୍ଥାର ସୁପରିଚାଳନା ଦ୍ୱାରା ବର୍ଷାଜଳ ନିଷ୍କାସନକୁ ସୁବ୍ୟବସ୍ଥିତ କରିବା ନିମନ୍ତେ ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ପରାମର୍ଶ ଦେଇଥିଲେ । ସେହିପରି ବର୍ତ୍ତମାନ ସୁଦ୍ଧା ସମୁଦ୍ରତଟବର୍ତ୍ତୀ ୩୮୧ଟି ସୁନାମିପ୍ରବଣ ଗ୍ରାମ ଚିହ୍ନଟ କରି ବିବିଧ ସମୁଚିତ ପରିଚାଳନା କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମଗୁଡ଼ିକୁ ସୁନାମି-ପ୍ରସ୍ତୁତ ଗ୍ରାମ (Tsunami-Ready Village) ଭାବେ ବିକାଶ କରାଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ଆଇଓସି - ୟୁନେସ୍କୋ ଦ୍ୱାରା ଓଡ଼ିଶାର ୨୬ଟି ଗ୍ରାମକୁ ସୁନାମି-ପ୍ରସ୍ତୁତ ଗ୍ରାମ ଭାବେ Tsunami Ready Recognition Programme ଅଧୀନରେ ଘୋଷଣା କରାଯାଇଛି । ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (OSDMA) ସୁନାମି ପରିଚାଳନା ଏବଂ ପୂର୍ବ ସତର୍କ ସୂଚନା ବ୍ୟବସ୍ଥାର ଆଧୁନିକୀକରଣ ନିମନ୍ତେ ହାଇଦ୍ରାବାଦସ୍ଥିତ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ଦେବା କେନ୍ଦ୍ର (INCOIS) ସହିତ ଅନୁବନ୍ଧିତ ହୋଇଛନ୍ତି । ବୈଠକରେ INCOIS କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ପୂର୍ବାନୁମାନ ବ୍ୟବସ୍ଥା ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ବିଶଦ ସମୀକ୍ଷା କରିବା ସହ ଆଗାମୀ ଦିନରେ ଏହି ତ୍ୱରିତ ସତର୍କ ସୂଚନା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଗୁରୁତ୍ୱାରୋପ କରିଥିଲେ ।

ବର୍ତ୍ତମାନ ବିପର୍ଯ୍ୟୟର ନୂଆ ସ୍ୱରୂପ ସାଜିଛି ଭୂସ୍ଖଳନ । ନିକଟ ଅତୀତରେ ଗଜପତି ଜିଲ୍ଲାରେ ହୋଇଥିବା ଭୂସ୍ଖଳନକୁ ଦୃଷ୍ଟିରେ ରଖି ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ସର୍ଭେ କାର୍ଯ୍ୟ କରାଯାଉଛି। ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉତ୍ତର-ପୂର୍ବ ରାଜ୍ୟ ଗସ୍ତ କରି ସେଠିକାର ଭୂସ୍ଖଳନ ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ଅବଗତ ହେବା ସହ ବିଭିନ୍ନ ଜାତୀୟ, ଅନ୍ତର୍ଜାତୀୟ ବିଶେଷଜ୍ଞ ସଂସ୍ଥାମାନଙ୍କ ସହ ଆଲୋଚନା ମଧ୍ୟ ଚାଲୁ ରହିଛି । ସେହିପରି ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ସମୁଦ୍ର କୂଳ ଲଙ୍ଘନକୁ ନଜରରେ ରଖି ଆଗାମୀ ଦିନରେ ଏଥିପାଇଁ ପ୍ରତିଷେଧକ ମୂଳକ ବ୍ୟବସ୍ଥା କରିବା ପାଇଁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ବାତ୍ୟାପ୍ରବଣ ଅଂଚଳରେ ସରକାରୀ ଆବାସ ଯୋଜନାରେ ଦିଆଯାଉଥିବା ଘର ଗୁଡ଼ିକୁ ବିପର୍ଯ୍ୟୟ ପ୍ରତିରୋଧୀ ବାସସ୍ଥାନ ନିର୍ମାଣ ଦିଗରେ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ମାନ୍ୟବର ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।ବୈଠକରେ ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ୍, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଭୁବନେଶ୍ୱର ମହାନଗର ନିଗମର କମିଶନର୍ ଚଞ୍ଚଳ ରଣା ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିବା ବେଳେ ଆଭାସୀ ମାଧ୍ୟମରେ ଆଇଆଇଟି ରୁର୍କୀ ଏବଂ INCOIS ହାଇଦ୍ରାବାଦର କର୍ତ୍ତୃପକ୍ଷ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

Printed, Published, edited and owned by Ipsita Pati, published from Plot No-214/A, Sahid Nagar, Bhubaneswar, PIN- 751007, Odisha and Printed at Ray Publications, Plot No-17, Rajarani Lewis Road, Bhubaneswar, PIN- 751014, Khurda, Odisha. email: pratishabda7@gmail.com
Editor- Ipsita Pati
ସମ୍ପାଦିକା: ଇପ୍‌ସିତା ପତି